ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 26 | 30 June - 06 July 2024 | Sambalpur | Pages- 8 | Invitation Price Rs.10

# ସମ୍ବଲପୁର ରାଜ୍ୟରେ ମୋଡେଲ ଜିଲ୍ଲା ହେଉ: ମନ୍ତ୍ରୀ ରବି ନାୟକ

ସମ୍ବଲପୁର: ସଂକଳ୍ପ ପତ୍ରଙ୍କୁ ଅନୁସରଣ କରିବା ସହ ସମସ୍ତ ଅଧିକାରୀ ନିଜ ନିଜ ଦାୟିତ୍ୱ ସମ୍ଭାଳିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀ ଭାବେ ଲୋକଙ୍କ ପାଇଁ ଆଉ କ'ଣ କରାଯାଇ ପାରିବ ତାହା ଚିନ୍ତା କରିବାର ମାନସିକତା ରଖିବା ସହିତ ନିଷ୍ଠାର ସହ କାମ କରି ସମ୍ବଲପୁରକୁ ମୋଡେଲ କରିବାକୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ପରାମର୍ଶ ଦେଇଛନ୍ତି ।

ଶ୍ରୀ ନାୟକ ମନ୍ତ୍ରୀ ହେବା ପରେ ସମ୍ବଲପୁର ଜିଲ୍ଲାକୁ ପ୍ରଥମ ଗସ୍ତରେ ଆସି ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଂଗଠନ, ସଡ଼କ ଓ ଗୃହ ନିର୍ମାଣ ବିଭାଗ, ସମ୍ବଲପୁର ମହାନଗର ନିଗମ, କ୍ଷୁଦ୍ର ଜଳସେଚନ, କୃଷି, ପୁଲିସ, ପଶୁପାଳନ ଓ ପ୍ରାଣୀ ଚିକିତ୍ସା, ପୋଲିସ, ଟିପି ପଶ୍ଚିମ ଓଡ଼ିଶା ବିତରଣ ଲିମିଟେଡ୍ ଏବଂ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ଚାଲିଥିବା ପ୍ରକଳ୍ପ ଓ ପରିମଳ ପ୍ରକଳ୍ପର ସମୀକ୍ଷା କରିବା ଅବସରରେ ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ଉପସ୍ଥିତ ଥିବା ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର କହିଲେ, ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ଆଲୋଚନା ଓ ଆଲୋଚନା ପାଇଁ ଅନୁକୂଳ ବାତାବରଣ ରହିଛି । ସମସ୍ୟା କିମ୍ବା ପ୍ରତିକୂଳ ପରିସ୍ଥିତିକୁ ନ ଦେଖି ପରିସ୍ଥିତିକୁ ସୁଯୋଗରେ ପରିଣତ କରି ଆଗକୁ କାମ କରିବା ସହ ସମ୍ବଲପୁରକୁ ସବୁ କ୍ଷେତ୍ରରେ ଏକ ପ୍ରଗତିଶୀଳ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ଅକ୍ଷୟ






ସୁନୀଲ ଅଗ୍ରୱାଲ ଏଥିରେ ଯୋଗଦେଇ ନୂଆ ଦୃଷ୍ଟିକୋଣ ଓ ଉତ୍ସାହ ସହ କାର୍ଯ୍ୟ କରିବାକୁ ଅଧିକାରୀ ମାନଙ୍କୁ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଆମେ ଯାହା କରୁଛୁ ଏବଂ ଆମେ ଯାହା କରିବାକୁ ସକ୍ଷମ ଅଛୁ ତାହା ମଧ୍ୟରେ ପାର୍ଥକ୍ୟ ଅଧିକାଂଶ ସମସ୍ୟାର ସମାଧାନ ପାଇଁ ଯଥେଷ୍ଟ ହେବ ଏବଂ ଆମେ ସମସ୍ତେ ଅନେକ ଜିନିଷ କରିବାକୁ ସକ୍ଷମ ଓ ଆମକୁ ସେହି ଶକ୍ତି ଖୋଜିବାକୁ ପଡିବ ।

ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଉତ୍ତରାଞ୍ଚଳ ଆଇ.ଜି ହିମାଂଶୁ ଲାଲ, ଏସ୍.ପି ମୁକେଶ ଭାମୁ, ସିଡିଓ କମ ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଅଜାମ୍ବର ମହାନ୍ତି, ସିଡିଏମ୍ଓ ସୁଜାତା ରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଓଏସ୍ଓୟୁର ନୂତନ କୁଳପତି ଯୋଗ ଦେଲେ

ସମ୍ବଲପୁର : ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗ ଦେଇଛନ୍ତି । କାର୍ଯ୍ୟରେ ଯୋଗ ଦେବା ଦିନରୁ ଆସନ୍ତା ୩ ବର୍ଷ ନ ହେଲେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିବେ । ଶ୍ରୀ ପଟ୍ଟନାୟକ ପୂର୍ବତନ କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।



ପ୍ରଫେସର ପଟ୍ଟନାୟକ ପୂର୍ବରୁ ଚଣ୍ଡିଗଡ଼ ସ୍ଥିତ ନ୍ୟାନସାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଟିଚର୍ସ ଆଣ୍ଡ ରିସର୍ଚ୍ଚର ମିଡିଆ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ । ଏମ୍.ଏସ୍.ସି, ଏମ୍.ଟେକ୍, ପି.ଏଚ୍.ଡି, ପୋଷ୍ଟ ଡକ୍ଟରେଟ କରିଥିବା ପ୍ରଫେସର ପଟ୍ଟନାୟକ ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି । ୩୩ ବର୍ଷର ଶିକ୍ଷକତା ଏବଂ ୧୧ ବର୍ଷ ୯ ମାସ ଧରି ପ୍ରଫେସର ଭାବେ କାର୍ଯ୍ୟ କରିଥିବା ପ୍ରଫେସର ପଟ୍ଟନାୟକଙ୍କ ଅଧୀନରେ ୨୪ ଜଣ ଛାତ୍ରଛାତ୍ରୀ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି । ସେ ୧୩ ଟି ପୁସ୍ତକ ସମ୍ପାଦନା କରିଥିବା ବେଳେ ଗୋଟିଏର ମୁଖ୍ୟ ସମ୍ପାଦକ, ୩ ଟିର ଏଡିଟରସିପ୍, ୩ ଟିର ପିର୍ ରିଭ୍ୟୁ କରିଛନ୍ତି । ତାଙ୍କର ୪୮ ଟି ସନ୍ଦର୍ଭ ଜାତୀୟ ସମ୍ମିଳନୀ ଓ ୯୩ ଟି ଆନ୍ତର୍ଜାତୀୟ ସମ୍ମିଳନୀରେ ଉପସ୍ଥାପିତ ହୋଇଛି । ୩୦୨ ଟି ଏକାଡେମିକ ଜର୍ଣ୍ଣାଲ, ୧୩୧ ଟି ସ୍କୋପସ୍ ଓ ଏସ୍‌ସିଆଇ ପ୍ରକାଶିତ ହୋଇଛି । ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ମଧ ପ୍ରଫେସର ପଟ୍ଟନାୟକ ୨୦୧୫ ମାର୍ଚ୍ଚରୁ ପ୍ରଫେସର ପଟ୍ଟନାୟକ ୨୦୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ କାମ କରିଥିଲେ । ତେବେ ସେ ବ୍ୟକ୍ତିଗତ କାରଣରୁ କାର୍ଯ୍ୟକାଳ ଶେଷ ପୂର୍ବରୁ ଇସ୍ତଫା ଦେଇଥିଲେ ।

## ଏମ୍‌ସିଏଲ୍‌ରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଷାଣ୍ମାସିକ ବୈଠକ




ବୁର୍ଲା : ଏମ୍‌ସିଏଲ୍‌ର ମୁଖ୍ୟ କାର୍ଯ୍ୟାଳୟ ଜାଗୃତି ବିହାରରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଷାଣ୍ମାସିକ ବୈଠକ ଏମ୍‌ସିଏଲ୍‌ର ସିଏମଡି ଉଦୟ ଅନନ୍ତ କାଓଲେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସମସ୍ତ ସଦସ୍ୟ କାର୍ଯ୍ୟାଳୟର ପ୍ରମୁଖ ପ୍ରତିନିଧି ଏବଂ ରାଜଭାଷା ଅଧିକାରୀବୃନ୍ଦ ଏଥିରେ ଯୋଗ ଦେଇଥିଲେ । ସମ୍ବଲପୁରର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିକୁ ରାଷ୍ଟ୍ରୀୟ ପୁରସ୍କାର ମିଳିଥିବାରୁ ସି.ଏମ୍.ଡି ଶ୍ରୀ କାଓଲେ ଅଭିନନ୍ଦନ ଜଣାଇବା ସାଙ୍ଗକୁ ଏହା କିପରି ପୁନରାବୃତ୍ତି ହେବ ସେଥିପାଇଁ ଶୁଭକାମନା ଜଣାଇଥିଲେ । କାର୍ମିକ ନିର୍ଦ୍ଦେଶକ କେଶବ ରାଓ ପରସ୍ପର ମଧ୍ୟରେ ହିନ୍ଦୀରେ କଥାବାର୍ତ୍ତା କରାଯାଉଥିବାରୁ ହିନ୍ଦୀର ପ୍ରଚାର ପ୍ରସାର ହେଉଥିବା କହିଥିଲେ । ରାଜଭାଷା ହିନ୍ଦୀ ପରସ୍ପରକୁ ଯୋଡିଥାଏ ବୋଲି ସେ କହିଥିଲେ । ଏହି ଅବସରରେ ସମିତିର ବାର୍ଷିକ ଗୃହ ପତ୍ରିକା 'ସମ୍ବଳ ପ୍ରଭା' ଶ୍ରୀ କାଓଲେ ଉନ୍ମୋଚନ କରିଥିଲେ । ଏହାଛଡ଼ା ରାଜଭାଷା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଶ୍ରୀ କାଓଲେ ପୁରସ୍କାର ଓ ପ୍ରମାଣପତ୍ର ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଭାରତୀୟ ଷ୍ଟେଟବ୍ୟାଙ୍କର ଉପମହା ପ୍ରବନ୍ଧକ ସଞ୍ଜୀୟ କୁମାର ଝା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେର, କାନାରା ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ମନୋଜ ଏମ.ଆର୍. ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ ପ୍ରମୁଖ ଦିବ୍ୟେନ୍ଦୁ କୁମାର ପ୍ରମୁଖ ଯୋଗ ଦେଇଥିଲେ ।




## ଜଣ୍ଡିସ୍ ସ୍ଥିତି ସମୀକ୍ଷା କଲେ ସମ୍ବଲପୁର ବିଧାୟକ




ସମ୍ବଲପୁର : ସମ୍ପ୍ରତି ସହରରେ ଦେଖା ଦେଇଥିବା ଜଣ୍ଡିସ୍ ପରିସ୍ଥିତିର ବିଧାୟକ ଜୟନାରାୟଣ ମିଶ୍ର ସମୀକ୍ଷା କରିଛନ୍ତି । ଦୂଷିତ ପାଣି ଜଣ୍ଡିସ୍‌ର କାରଣ ହୋଇଥିବାରୁ ଜନସ୍ୱାସ୍ଥ୍ୟ ବିଭାଗକୁ ଡ୍ରେନ୍‌ରୁ ପିଇବା ପାଣି ପାଇପ୍ ହଟାଇବାକୁ ନିର୍ଦ୍ଦେଶ ଦେଇଛି । ନାଳି ସଂସ୍ପର୍ଶରେ ନ ଆସି ସହରରେ ଯେଭଳି ପାଇପ୍ ବିଛାଯାଇ ପାରିବ ସେନେଇ ଗୋଟିଏ ବ୍ୟୟ ଅଟକଳ ଦିଅନ୍ତୁ । ସରକାର ଅର୍ଥ ମଞ୍ଜୁର କରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତାରାଣୀ ମିଶ୍ରଙ୍କ ଅଧକ୍ଷତାରେ ବସିଥିବା ଏହି ସମୀକ୍ଷା ବୈଠକରେ ବିଧାୟକ ଜୟନାରାୟଣ ମିଶ୍ର ଜଣ୍ଡିସ୍‌ର ସ୍ଥିତି ସମ୍ପର୍କରେ ସମସ୍ତ ଲାଇନ୍ ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ଜନସ୍ୱାସ୍ଥ୍ୟ ବିଭାଗର ଜଳ ଯୋଗାଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଲୋକଙ୍କୁ କିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ସେନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି କାମ କରାଯାଉଥିବା ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ।

ସହରରେ ବିପର୍ଯ୍ୟ ସଫେଇ ବ୍ୟବସ୍ଥା ପାଇଁ ଉଦ୍‌ବେଗ ପ୍ରକାଶ କରି ଶ୍ରୀ ମିଶ୍ର କହିଛନ୍ତି ଯେ, ସହରରେ ସଫେଇ ଅବସ୍ଥା ଅତି ଦୟନୀୟ । ନାଳି ସଫେଇ ହେଉନି । ରାସ୍ତା କଡ଼ରୁ ଅଳିଆ ଉଠୁନି । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୫ ଦିନ ମଧ୍ୟରେ ସହରର ସମସ୍ତ ନାଳି ସଫେଇ ହେବା ସହ ରାସ୍ତାରୁ ଅଳିଆ ଉଠାଇବାକୁ ଏସଏମ୍‌ସି ଡେପୁଟି କମିଶନର ଶଙ୍କର ସାହୁ କହିଛନ୍ତି । ଏମିତି କି, ସହରରେ ସଫେଇ ପାଇଁ କେତେ ବଜେଟ୍ ଆବଶ୍ୟକ ସେନେଇ ଏକ ଅଟକଳ ପ୍ରସ୍ତୁତ କରିବାକୁ ଏସ୍‌ଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକ । ସମ୍ବଲପୁର ସହରକୁ ସ୍ୱଚ୍ଛ ରଖିବାକୁ ରାଜ୍ୟ ସରକାରଙ୍କ ଠାରେ ମୁଁ ପ୍ରସ୍ତାବ ଦେବା ସହ ଅର୍ଥ ମଞ୍ଜୁର କରିବି ବୋଲି ବିଧାୟକ କହିଛନ୍ତି ।

ଏହାସହ, ବିଦ୍ୟୁତ ସମସ୍ୟାକୁ ନେଇ ମଧ ବିଧାୟକ ଜୟନାରାୟଣ ପ୍ରଶ୍ନ କରିଛନ୍ତି । ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ବିଭାଗୀୟ ଅଧିକାରୀଙ୍କୁ କାରଣ ଦର୍ଶାଇବାକୁ କହିଛନ୍ତି । ବାରମ୍ବାର ବିଦ୍ୟୁତ ସେବା ବିଭ୍ରାଟ ହେବା ଦ୍ୱାରା ବୁର୍ଲା ଭିମସାର୍ ଓ ସମ୍ବଲପୁର ଡିଏଚ୍‌ଏଚ୍‌ରେ ସ୍ୱାସ୍ଥ୍ୟସେବାରେ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଏହି ୨ଟି ଅନୁଷ୍ଠାନକୁ ୨୪ ଘଣ୍ଟିଆ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ବୈଠକରେ ଏଡିଏମ୍ ଅଜାମ୍ବର ମହାନ୍ତି, ଉପ-ଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡାଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଏ ସଂଖ୍ୟାରେ..


ସ୍ୱାସ୍ଥ୍ୟ ପାଇଁ ହିତକର କଦଳୀ


ସ୍ୱାସ୍ଥ୍ୟବର୍ଦ୍ଧକ ମହୁ


ଔଷଧ ପରି କାମକରେ କୋଲାଏ ରସୁଣ


ପୋଷକ ତତ୍ତ୍ୱରେ ଭରପୁର ରାଜମା


କ୍ୟାନସର ଦୂର କରେ ପିଆଜ


ଅଳସୀର ଉପକାରିତା

# ଝାରସୁଗୁଡ଼ାରେ ହ୍ରାସ ପାଉଛି କେନ୍ଦୁପତ୍ର ଉତ୍ପାଦନ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାରେ କଳାହୀରା (କୋଇଲା) ଉତ୍ପାଦନ ବହୁଗୁଣିତ ହୋଇଥିବା ବେଳେ ଦିନକୁ ଦିନ ସବୁଜ ହୀରା (କେନ୍ଦୁପତ୍ର) ହ୍ରାସ ପାଇବାରେ ଲାଗିଛି । ଝାରସୁଗୁଡ଼ା ଜିଲ୍ଲାର କେନ୍ଦୁପତ୍ର ତିରିଶ ବର୍ଷ ତଳେ ଚାହିଦା ବେଶ ରହିଥିବା ବେଳେ ଶିଳ୍ପାୟନ ପ୍ରଭାବରେ କେନ୍ଦୁପତ୍ର ଆଗାମୀ ଦିନରେ ବନ୍ଦ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଝାରସୁଗୁଡ଼ା ବନଖଣ୍ଡ କେନ୍ଦୁପତ୍ର କାର୍ଯ୍ୟାଳୟ ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ୩ ଓ ସୁନ୍ଦରଗଡ଼ ଜିଲ୍ଲାର ୩ ମୋଟ ୬ଟି ରେଞ୍ଜ ଅଫିସ ରହିଛି । ଝାରସୁଗୁଡ଼ା, ବେଲପାହାଡ଼, କଦମଡିହ ସୁନ୍ଦରଗଡ଼ ଜିଲ୍ଲାର କନିକା, ଡୁଡୁକା ଓ ଗୋପାଳପୁର ରେଞ୍ଜ ଅଫିସ ରହିଛି । ଓଡ଼ିଶା କେନ୍ଦୁପତ୍ର ୧୯୭୩ ମସିହାରେ ପ୍ରତିଷ୍ଠା ହୋଇଥିବାବେଳେ ସେ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ରହିଥିଲେ । ଓଡ଼ିଶାରେ ୧୯ ଟି କେନ୍ଦୁପତ୍ର ଡିଭିଜନ ରହିଥିବା ବେଳେ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଅନ୍ୟତମ । ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଅଧୀନରେ ହଜାର ହଜାର କେନ୍ଦୁପତ୍ର ତୋଳାଳିକାମ କରୁଥିବା ବେଳେ ଶହଶହ ସିଜିନାଲ କର୍ମଚାରୀ କାମ କରି କିଛି ପଇସା ରୋଜଗାର କରୁଥିବା ବେଳେ ଦିନକୁ ଦିନ ଝାରସୁଗୁଡ଼ା କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି । ପ୍ରତିବର୍ଷ ବିଭିନ୍ନ ଗ୍ରାମର ପୁରୁଷ ଓ ମହିଳା ମାନେ କେନ୍ଦୁପତ୍ର କାମରେ ନିୟୋଜିତ ହୋଇ ଦୁଇ ପଇସା ରୋଜଗାର କରିଥାନ୍ତି । କେନ୍ଦୁପତ୍ର ସିଜନ୍ ବର୍ଷର ମାର୍ଚ୍ଚ ମାସରେ ଗୁଛାକଟା ଏପ୍ରିଲ ମାସରେ ଫଡି ମରାମତି ମେ' ମାସରେ କେନ୍ଦୁପତ୍ର ତୋଳା ଜୁନ୍‌ମାସରୁ କେନ୍ଦୁପତ୍ର ବନ୍ଧେଇ ଅକ୍ଟୋବର ମାସ ପର୍ଯ୍ୟନ୍ତ ହୋଇଥାଏ । କେନ୍ଦୁପତ୍ର ସିଜନ୍‌ରେ ସିଜିନାଲ କର୍ମଚାରୀ ନିୟୋଜିତ ହେଉଥିବା ବେଳେ ରେଞ୍ଜର ଡେପୁଟି ରେଞ୍ଜର ଫରେଷ୍ଟର ଓ ଫରେଷ୍ଟଗାର୍ଡ ତଦାରଖ କରିଥାନ୍ତି । ବର୍ତ୍ତମାନ ଝାରସୁଗୁଡ଼ା କେନ୍ଦୁପତ୍ର ବନଖଣ୍ଡ ଅଧୀନରେ ତିନି ଶହ ତିନୋଟି ଫଡି ରହିଛି । ଦିନ ଥିଲା ଝାରସୁଗୁଡ଼ା କେନ୍ଦୁପତ୍ର ଚାହିଦା କାହାରି କାହିଁ ଥିଲା । ଦୁଇ ହଜାର ମସିହା ବେଳକୁ ଝାରସୁଗୁଡ଼ା ଜିଲ୍ଲାରେ ଅନେକେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଗଛ କାଟିବା ପରିବେଶ ପ୍ରଦୂଷଣ ଅନୁକୂଳ ପାଗ ନ ହେବାରୁ କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇଲା । ଆଗ ଭଳି କେନ୍ଦୁପତ୍ରରେ ପୁରୁଷ ମହିଳା ଏଥିରୁ ରୋଜଗାର ପାଇବାରୁ ବଞ୍ଚିତ ହେଉଛନ୍ତି । ଚଳିତବର୍ଷ ଫେବୃଆରୀ ମାସ ୨୦ ତାରିଖରୁ କେନ୍ଦୁପତ୍ର ଗୋଛାକଟା ଆରମ୍ଭ ହୋଇଥିବା ବେଳେ କିଛି ଦିନ ତଳେ ଝାରସୁଗୁଡ଼ା ଜିଲ୍ଲାରେ ଅଦିନିଆଁ ବର୍ଷା ଯୋଗୁଁ କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇଛି । ବିଭିନ୍ନ ଜଙ୍ଗଲରୁ ମହୁଲ ଗୋଟାଇବା ପାଇଁ ଲୋକେ ନିଆଁ ଲଗାଇ ଦେଉଥିବାରୁ କେନ୍ଦୁପତ୍ର ନିଆଁ ଯୋଗୁଁ ଜଳି ଯାଉଛି । ଝାରସୁଗୁଡ଼ା କେନ୍ଦୁପତ୍ର ବନଖଣ୍ଡ ଝାରସୁଗୁଡ଼ା ରେଞ୍ଜ ଅଧୀନସ୍ଥ ବାଗଡ଼ିହି ରେଳଷ୍ଟେସନରୁ ଦୀର୍ଘ ବର୍ଷରୁ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବାର ଅଭିଯୋଗ ହେଉଛି । ଗତ ତିନି ମାସ ତଳେ ବାଗଡ଼ିହି ରେଳ ଷ୍ଟେସନରୁ କେନ୍ଦୁପତ୍ର ଚୋରା ଚାଲାଣ ସମୟରେ କୌଣସି ସୂତ୍ରରୁ ଜଙ୍ଗଲ ବିଭାଗର ଅଧିକାରୀ ଖବର ପାଇ କେନ୍ଦୁପତ୍ର ଜବତ ମଧ କରିବାରେ ସକ୍ଷମ ହୋଇଥିଲେ । ପ୍ରତିବର୍ଷ କେନ୍ଦୁପତ୍ର ଉତ୍ପାଦନର ଲାଭରୁ ରାଜ୍ୟ ସରକାର କେନ୍ଦ୍ରପତ୍ର ତୋଳାଳୀ ଓ ସିଜନାଲ କର୍ମଚାରୀଙ୍କୁ ବୋନସ ପଇସା ଦେଇ ଆସୁଛନ୍ତି । କେନ୍ଦୁପତ୍ର ଉତ୍ପାଦନକୁ ସିଜନାଲ କର୍ମଚାରୀ ମୁନସୀ ଚପରାଶି ଚେକର ବାଇଣ୍ଡିଂ ଚେକର, ସାରକିଲ ଚେକର ହେଡଚେକରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଏମାନଙ୍କ ପାଇଁ କେନ୍ଦୁପତ୍ର ବଞ୍ଚିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ୨୦୧୭ ମସିହାରେ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନରେ ୧୧୮୦୦.୮୦ କ୍ୱିଣ୍ଟାଲ, ୨୦୧୮ ମସିହାରେ ୮୩୮୦.୮୦ କିଣ୍ଟାଲ, ୨୦୧୯ ମସିହାରେ ୫୯୮୮.୬୦ କ୍ୱିଣ୍ଟାଲ, ୨୦୨୦ ମସିହାରେ ୫୦୮୨.୬୦ କ୍ୱିଣ୍ଟାଲ ୨୦୨୧ ମସିହାରେ ୮୦୫୯.୨୦ କ୍ୱିଣ୍ଟାଲ କେନ୍ଦୁପତ୍ର ଉତ୍ପାଦନ ହୋଇଛି । ୨୦୨୨ ଓ ୨୦୨୩ ମସିହାରେ ପାଖାପାଖି ଦଶ ହଜାର କୁଣ୍ଟ ଲକ୍ଷ ଧାର୍ଯ୍ୟ ୮୬୩୨୮ କିଣ୍ଟାଲ ଦେଇଥିବାବେଳେ କେନ୍ଦୁପତ୍ର ଉତ୍ପାଦନ ହୋଇଛି । ବିଗତ ବର୍ଷେରେ ଅଦିନିଆ ବର୍ଷା କରାମାଡ଼ ମେଘୁଆ ପାଗ ଶିଳ୍ପ ପ୍ରତିଷ୍ଠା ପରିବେଶ ପ୍ରଦୂଷଣ ଗଛ କାଟିବା ଯୋଗୁଁ ଝାରସୁଗୁଡ଼ା କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଉଛି । ଆଗାମୀ ଦିନରେ ଏପରି ସ୍ଥିତି ଉପଜେ ତାହା ହେଲେ କେନ୍ଦୁପତ୍ର ଉତ୍ପାଦନ ଆହୁରି ହ୍ରାସ ପାଇବାର ଆଶଙ୍କା ଦେଖା ଦେଇଛି ।

# ରେଡକ୍ରସ୍ କାର୍ଯ୍ୟନିର୍ବାହୀ କମିଟି ବୈଠକ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ରେଡ଼କ୍ରସ୍ କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଜିଲ୍ଲା ରେଡ କ୍ରସ୍ ଶାଖା ସମ୍ବଲପୁରର ଗତିବିଧି ଓ କାର୍ଯ୍ୟକଳାପର ବାର୍ଷିକ ରିପୋର୍ଟ, ୨୦୨୩-୨୦୨୪ ବର୍ଷରେ କରଯାଇଥିବା ଖର୍ଚ୍ଚ,୨୦୨୪-୨୦୨୫ ବର୍ଷର ବଜେଟ୍ ପ୍ରୋଭିଜନ୍ ପାଇଁ କାର୍ଯ୍ୟ ଯୋଜନା, ରେଡ କ୍ରସ ର ଆର୍ଥିକ ଲକ୍ଷ୍ୟ ଓ ସଫଳତା, ରେଡକ୍ରସର ଆଜୀବନ ସଦସ୍ୟ ବଢ଼ାଇବା ପାଇଁ ଅଭିଯାନ, ବାର୍ଷିକ ଆକାଉଣ୍ଟ ଅଡିଟ୍, ବୁର୍ଲାର ଆହାର କେନ୍ଦ୍ରରର ପ୍ରଥମ ଓ ଦ୍ୱିତୀୟ ମହଲାରେ ରୋଗୀଙ୍କର ସେବକମାନଙ୍କ ପାଇଁ ଥିବା ରେଡ୍ କ୍ରସ୍‌ର ବିଶ୍ରାମ ଗାର ଗୁଡିକର ପରିଚାଳନା ଓ ରକ୍ଷଣା ବେକ୍ଷଣା, ରେଡ କ୍ରସ ଦ୍ୱାରା ପରିଚାଳିତ ମହାପ୍ରୟାଣ ଗାଡି ଓ ପାର୍ବତୀ ଗିରି ସ୍ମାରକୀ ବୃଦ୍ଧା ଆଶ୍ରମର ରକ୍ଷଣା ବେକ୍ଷଣ କିପରି ସୂଚାରୁ ରୂପେ ହେଉଛି ସେହି ବିଷୟ ରେ ଆଲୋଚନା କରଯାଇଥିଲା । ବୈଠକରେ ଏସଏମସି କମିଶନର ଶ୍ରୀ ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଜାମ୍ବର ମହାନ୍ତି, ରେଡକ୍ରସର ସେକ୍ରେଟାରୀ ଶ୍ରୀ ଜୟ ଜର୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍‌ପି ଲାଡ୍ ପାଇଁ ସମ୍ବଲପୁର ହେଲା ନୋଡାଲ ଜିଲ୍ଲା

ନୂଆଦିଲ୍ଲୀ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନିଜ ସାଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା ତଥା ଏମପିଲାଡ୍ କାର୍ଯ୍ୟକ୍ରମ ପାଇଁ ସମ୍ବଲପୁରକୁ ନୋଡାଲ୍ ଜିଲ୍ଲା ଭାବରେ ଚୟନ କରିଛନ୍ତି । ଫଳରେ ସମ୍ବଲପୁର ସମେତ ଅନୁଗୋଳ ଓ ଦେବଗଡ ଜିଲ୍ଲାରେ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହେବା ସହ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଏ ନେଇ ଭାରତ ସରକାରଙ୍କ ଷ୍ଟାଟିଷ୍ଟିକ୍ସ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ଅନ୍ତର୍ଗତ ଏମପିଲାଡ୍ ଡିଭିଜନ ପକ୍ଷରୁ ଏକ ପତ୍ର ଜରିଆରେ ଅବଗତ କରାଯାଇଛି । ଉଲ୍ଲେଖନୀୟ ଯେ, ଏମପିଲାଡ଼ କେନ୍ଦ୍ର ସରକାରଙ୍କର ଏକ ଯୋଜନା ଯାହାର ସଂପୂର୍ଣ୍ଣ ଅର୍ଥ ଭାରତ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ । ଏହି ଯୋଜନାର ଉଦ୍ଦେଶ୍ୟ ହେଲା, ସାଂସଦମାନଙ୍କୁ ମୁଖ୍ୟତଃ ନିଜ ନିଜର ନିର୍ବାଚନ ମଣ୍ଡଳୀର ବିକାଶ କାର୍ଯ୍ୟକୁ ସୁପାରିଶ କରିବା ନିମନ୍ତେ ସକ୍ଷମ କରିବା । ଏହା ଅଧୀନରେ ପାନୀୟ ଜଳ, ପ୍ରାଥମିକ ଶିକ୍ଷା, ସାର୍ବଜନୀନ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ସଡ଼କ ଭିତ୍ତିଭୂମି ଇତ୍ୟାଦି କ୍ଷେତ୍ରରେ ତଥା ସାର୍ବଜନୀନ ଭିତ୍ତିଭୂମି ଉପରେ ବିଶେଷ ଭାବେ ଦୃଷ୍ଟି ଦିଆଯାଇଥାଏ ।

# ସମ୍ବଲପୁର ବିଜେପି ପକ୍ଷରୁ 'କଳା ଦିବସ' ପାଳିତ

ସମ୍ବଲପୁର : ସ୍ଥାନୀୟ କଚେରୀ ରୋଡ଼ ସ୍ଥିତ ବିଜେପି କାର୍ଯ୍ୟାଳୟରେ 'କଳା ଦିବସ' ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି ଓ ବରିଷ୍ଠ ବିଜେପି ନେତା ଡ଼କ୍ଟର ପ୍ରମୋଦ ରଥ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତିରେ ସରକାରକୁ ବିରୋଧ କରି କାରାବାରଣ କରିଥିବା ସତ୍ୟାଗ୍ରହୀ ଯଶପାଲ ଟଣ୍ଡନ, ଦେବାନନ୍ଦ ହୋତା, ଯୋଗୀନ୍ଦ୍ର ପ୍ରସାଦ ମିଶ୍ର, ବିଜୟ କୁମାର କେଡ଼ିଆ, ରାଧାକାନ୍ତ ବହିଦାର, ରାମେଶ୍ୱର ପୁରୋହିତ, ପରିମାଳ ରଞ୍ଜନ ପାଲ, ଗଙ୍ଗା ପ୍ରସାଦ ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର ପ୍ରମୁଖ ଙ୍କୁ ସମ୍ମାନିତ କରାଯାଇଥିଲା । କାର୍ତ୍ତିକ ବହିଦାରଙ୍କ ସଂଯୋଜନାରେ ମହାନଦୀ ମଣ୍ଡଳ ସଭାପତି ସୁଶାନ୍ତ ପୁରୋହିତ ଙ୍କ ସଭାପତିତ୍ୱ ରେ ହୋଇଥିବା କାର୍ଯ୍ୟକ୍ରମରେ ସମୀର ରଞ୍ଜନ ବାବୁ ସ୍ୱାଗତ ଭାଷଣ ଓ ଜିଲ୍ଲା ଉପସଭାପତି ଫଣୀ ଭୂଷଣ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସମ୍ବଲପୁରରେ ବାହାରିଲା ଶିଶୁ ଶ୍ରମିକ ସଚେତନତା ରଥ

ସମ୍ବଲପୁର : ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡିଶା ପକ୍ଷରୁ ଶିଶୁ ଶ୍ରମିକ ବିରୁଦ୍ଧରେ ମାସ ବ୍ୟାପି ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ସୁଚାରୁ କୁମାର ବଳ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛ । ବୈଠକରେ ଶିଶୁ ଶ୍ରମିକ ନିରାକରଣ, ଉଦ୍ଧାର ଏବଂ ଥଇଥାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା ।

# ସମ୍ବଲପୁର ରାଡ଼ାର ପ୍ରକଳ୍ପ ଉଠିଯିବା ଆଶଙ୍କା !

ସମ୍ବଲପୁର: ରାଜ୍ୟ ପଶ୍ଚିମ କ୍ଷେତ୍ରର ପାଣିପାଗ ପୂର୍ବାନୁମାନ ଓ ସତର୍କତା ସୂଚନା ପାଇଁ କୌଣସି ରାଡ଼ାର ନାହିଁ । ଏପରିକି ଓଡ଼ିଶା କିମ୍ବା ପଡ଼ୋଶୀ ରାଜ୍ୟର ରାଡ଼ାରୁ ମଧ ସମ୍ବଲପୁର ଓ ଆଖପାଖ ଜିଲ୍ଲାକୁ କଭର୍ କରୁନାହିଁ । ଫଳରେ ସମ୍ବଲପୁରରେ ଏକ ଡପଲର ରାଡ଼ାର ପ୍ରତିଷ୍ଠା ପାଇଁ ୨୦୧୫ ମସିହାରେ ମଞ୍ଜୁର ହୋଇଥିଲା । ଏଥିପାଇଁ କାର୍ଯ୍ୟ ମଧ ଜୋର୍ ସୋର୍‌ରେ ଆରମ୍ଭ ହୋଇଥିଲା । ଗତ ଏପ୍ରିଲରେ ସମ୍ବଲପୁର ଡପଲର ରାଡ଼ାରର ଉପକରଣ ଆସି ଭୁବନେଶ୍ୱର ପହଞ୍ଚିଥିବା ଏବଂ ଦୁଇମାସ ମଧରେ କାର୍ଯ୍ୟକ୍ଷମ ହେବ ବୋଲି ପାଣିପାଗ କେନ୍ଦ୍ରରୁ ସୂଚନା ଦିଆଯାଇଥିଲା । କିନ୍ତୁ ଏବେ ଉକ୍ତ ଉପକରଣ ବାଲେଶ୍ୱର ଡପଲର ପ୍ରକଳ୍ପରେ ବ୍ୟବହାର ହେବ ବୋଲି ଏକ ବିଶେଷସୂତ୍ରରୁ ଜଣାପଡିଛି । ପାରାଦ୍ୱୀପ ଦୀଘା ରାଡ଼ାରରୁ ବାଲେଶ୍ୱର ଅଞ୍ଚଳକୁ କଭର୍ କରୁଥିବା ବେଳେ ସେଠାରେ ଏକ ନୂତନ ରାଡ଼ାର୍ ସ୍ଥାପନକୁ ଏଠାକାର ସଚେତନ ମହଲରେ ବିରୋଧ କରାଯାଉଛି । କାରଣ ପଶ୍ଚିମ ଓଡ଼ିଶାର ଏକ ବଡ଼ ଅଞ୍ଚଳ ପାଇଁ କୌଣସି ରାଡ଼ାର ସୁବିଧା ନାହିଁ ।

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ତହସିଲ ଅନ୍ତର୍ଗତ ତାଲବ ପଞ୍ଚାୟତ ମଧୁପୁର ମୌଜାରେ ଉକ୍ତ ରାଡ଼ାର ସ୍ଥାପନ ପାଇଁ କୋଠା ନିର୍ମାଣ କରାଯାଇଛି । ଏହି ଦୁଇ ମହଲା କୋଠା ଉପରେ ଡପଲର୍ ସ୍ଥାପନ ପାଇଁ ଆଉ ଏକ ମହଲା ନିର୍ମାଣ କରାଯିବା କଥା । କିନ୍ତୁ କୋଠାଟି ବହୁବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି । ଫଳରେ ଏହାର ଝରକା ଓ ଅନ୍ୟ ସାମଗ୍ରୀ ସବୁ ଚୋରି ହୋଇଯାଇଥିବା ବେଳେ ଟାଇଲ ଗୁଡ଼ିକ ଭାଙ୍ଗି ଗଲାଣି । ଲଗାଯାଇଥିବା ବିଦ୍ୟୁତ୍ର ଗୁଡ଼ିକ ଛିଣ୍ଡାଇ ଦିଆଯାଇଛି । କୋଠାରେ କୌଣସି ସୁରକ୍ଷାକର୍ମୀ ନାହାନ୍ତି । ଏହାର ମୁଖ୍ୟଫାଟକ ସମ୍ମୁଖରେ ବଡ ବଡ ଗଛ ଉଠିଲାଣି । ଏଠାରେ ନିଯୁକ୍ତି ହେବାକୁ ଥିବା କର୍ମଚାରୀଙ୍କ କ୍ୱାର୍ଟର ପାଇଁ କୋଠା ନିର୍ମାଣ ସ୍ଥଳରୁ ୧ କିଲୋମିଟର ଦୂରରେ କେବଳ ପାଚେରି ନିର୍ମାଣ କରାଯାଇଛି । ଆଉ ଅନ୍ୟ କୌଣସି ନିର୍ମାଣକାମ ହୋଇନାହିଁ । ପାଣିପାଗ କେନ୍ଦ୍ର (ମେଟ୍ ସେଣ୍ଟର) ପକ୍ଷରୁ ସାମାଜିକ ଗଣମାଧମ 'ଏକ୍ସ'ରେ ସମ୍ବଲପୁର ଠାରେ ସି-ବ୍ୟାଣ୍ଡ ଡପଲର୍ ରାଡାର ସେଣ୍ଟର ଦୁଇ/ ତିନି ମାସ ମଧରେ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦିଆଯାଇଥିଲା । ରାଡାର୍‌ର ସମସ୍ତ ସାମଗ୍ରୀ ଭୁବନେଶ୍ୱର ପାଣିପାଗ କେନ୍ଦ୍ରକୁ ଏପ୍ରିଲ ୫ ତାରିଖରେ ପହଞ୍ଚି ଯାଇଥିବା କୁହାଯାଇଥିଲା । କିନ୍ତୁ ଏବେ ଏହା ବାଲେଶ୍ୱରକୁ ଉଠିଯିବା ସମ୍ଭାବନା ଦେଖାଦେଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଏସ-ବ୍ୟାଣ୍ଡ ରାଡାର ୮ ସିଏମରୁ ୧୫ ସିଏମ୍ ୱେଭଲେଙ୍ଗଥ୍ ଏବଂ ୨ରୁ ୪ ଗିଗାହର୍ଜ ଫ୍ରିକ୍ୱେନସି କାମ କରିଥାଏ । ତା'ଠାରୁ ସି-ବ୍ୟାଣ୍ଡ ରାଡାର୍ ଉନ୍ନତ ଧରଣର ହୋଇଥିବା ବେଳେ ପାଣିପାଗର ସଠିକ୍ ଓ ସମୟାନୁଯାୟୀ ପୂର୍ବାନୁମାନ କରିଥାଏ । ୨୦୧୫ ମସିହାରେ ଗୋପାଳପୁର ସହିତ ସମ୍ବଲପୁରରେ ଉକ୍ତ ରାଡାର୍ ସ୍ଥାପନ ହେବା କଥା । ତେବେ ଗୋପାଳପୁରରେ ରାଡାର୍ କେବେଠାରୁ କାର୍ଯ୍ୟକ୍ଷମ ହେଲାଣି, କିନ୍ତୁ ଏପର୍ଯ୍ୟନ୍ତ ସମ୍ବଲପୁରରେ ଲାଗିପାରି ନାହିଁ । ପଶ୍ଚିମ ଓଡ଼ିଶା ସେକ୍ଟର ଶୂନ୍ ରହିଛି, କୌଣସି ରାଡାର୍ ନାହିଁ । ଓଡ଼ିଶାର ରାଡାରରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା ଆଦି ଜିଲ୍ଲାର ଅଞ୍ଚଳ ଖାଲି ଜାଗା (ବ୍ଲାଙ୍କ ସ୍ପେସ୍) ରହିଯାଉଥିଲେ ମଧ ବାଲେଶ୍ୱରକୁ ପ୍ରାଧାନ୍ୟ ଦିଆଯାଉଥିବା ଅଭିଯୋଗ ଉଠୁଛି । ଏହି ଅଞ୍ଚଳ ସବୁକୁ ସମ୍ବଲପୁରର ରାଡାର୍ କଭର୍ କରିଥାନ୍ତା । କୁଆପଥର ମାଡ଼, ଅଦିନିଆ ବର୍ଷା ଆଦି ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା । ଏହାର ପୂର୍ବାନୁମାନ ହୋଇପାରୁ ନାହିଁ । ବରଗଡ଼ ଓ ସମ୍ବଲପୁର ଜିଲ୍ଲା ଓଡ଼ିଶାର ଭାତହାଣ୍ଡି ହୋଇଥିବା ବେଳେ ପଶ୍ଚିମ ଓଡ଼ିଶାର ଚାଷୀଙ୍କ ସକାଶେ ଏହି ରାଡ଼ାର୍ ଗୁରୁତ୍ୱପୂର୍ଣ୍ଣ । ଅପ୍ରତ୍ୟାଶିତ ପାଣିପାଗକୁ ନେଇ ରାଡ଼ାର୍ ଅତ୍ୟାବଶ୍ୟକ । ସେଟ୍‌ଲାଇଟ୍ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ପୂର୍ବାନୁମାନ କରିପାରୁ ନ ଥିବାବେଳେ ରାଡ଼ାର ଦ୍ୱାରା ଏହା ସମ୍ଭବ । ପାଣିପାଗ ବିଭାଗ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ, ୨୦୨୪ ସୁଦ୍ଧା ସମ୍ବଲପୁର ଓ ବାଲେଶ୍ୱରରେ ରାଡ଼ାର୍ ଲାଗିବ । କିନ୍ତୁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇନାହିଁ । ସମ୍ବଲପୁରରେ ଯେଉଁଭଳି ଭାବେ ରାଡ଼ାର୍ କୋଠାକୁ ଅଧାପନ୍ତରିଆ ଛାଡ଼ି ଦିଆଯାଇଛି, ଆଗାମୀ ଦିନରେ ତା'କୁ ବନ୍ଦ କରାଯିବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି । ଏହି କୋଠାରେ ଯାହାସବୁ ଉପକରଣ ଲାଗିଛି, ତାହା ରାୟପୁରକୁ ଉଠିଯିବ ବୋଲି ମଧ କୁହାଯାଉଛି । ଏହି କୋଠାଟି ହୀରାକୁଦ ଜଳଭଣ୍ଡାର ନିକଟରେ ତିଆରି ହେଉଥିବାରୁ ଏହାକୁ ପାନ୍ଥନିବାସ କିମ୍ବା ଅନ୍ୟ ସରକାରୀ କୋଠାରେ ପରିବର୍ତ୍ତିତ କରାଯିବ ବୋଲି ଏକ ଅସମର୍ଥିତ ସୂତ୍ରରୁ ଜଣାପଡିଛି ।

# ବାକ୍ ଦାନ, ବିବାହ ଓ ଗୃହସ୍ଥାଶ୍ରମ



ଡ଼ଃ ପ୍ରମୋଦ କୁମାର ପଣ୍ଡା

ସଂସାର ସୃଷ୍ଟିର ଏକାଧିକ ବୈଜ୍ଞାନିକ ଓ ଦାର୍ଶନିକ ବିଚାରଧାରା ଦେଖିବାକୁ ମିଳେ । ବେଦ, ଉପନିଷଦ,ଶାସ୍ତ୍ର,ଧର୍ମଗ୍ରନ୍ଥଠାରୁ ଆରମ୍ଭ କରି ବୈଜ୍ଞାନିକ ଡ଼ାରୱିନଙ୍କ 'ପର୍ଯ୍ୟନ୍ତ ସଂସାର ସୃଷ୍ଟିର ଭିନ୍ନଭିନ୍ନ ସିଦ୍ଧାନ୍ତ ଉପଲବ୍ଧ । ଏପରିକି ବିଭିନ୍ନ ବୈଜ୍ଞାନିକ ଓ ଦାର୍ଶନିକଙ୍କ ମଧରେ ମଧ ପରସ୍ପର ମତ ପାର୍ଥକ୍ୟ ଦେଖାଯାଏ । ବିଶାଳ ଓ ବିଚିତ୍ର ସୃଷ୍ଟିର ଗଭୀର ରହସ୍ୟ ଉନ୍ମୋଚନ ଦିଗରେ ଆଜିର ଆଧୁନିକ ମଣିଷ ଏବେ ବି ପ୍ରଚେଷ୍ଟାରତ, ଗବେଷଣାମଗ୍ନ 'ସଂସରତେ ଇତି ସଂସାର' ଅର୍ଥାତ୍ ଯାହା ଅନବରତ ଚାଲିଥାଏ (ସଂସରଣ କରୁଥାଏ ) ତାକୁ ସଂସାର କୁହାଯାଏ । ସଂସାରରେ ସମସ୍ତ ପ୍ରାଣୀଙ୍କ ଠାରୁ ମଣିଷ ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି, ଅନବଦ୍ୟ ଦାନ । କେବଳ ମଣିଷ ହିଁ ବୁଦ୍ଧି ଓ ବିବେକଯୁକ୍ତ । ଅନ୍ୟ ସବୁ ପ୍ରାଣୀଙ୍କ ପାଖରେ ନା ବୁଦ୍ଧି ଥାଏ ନା ବିବେକ । ମଣିଷକୁ ଅଧିକ ବୁଦ୍ଧିମନ୍ତ ଓ ବିବେକଶୀଳ କରିବାପାଇଁ ତାର ଜୀବନ କାଳ ମଧରେ ବିଭିନ୍ନ ସଂସ୍କାର କର୍ମ କରାଯାଏ । ମାତୃ ଗର୍ଭରେ ଶିଶୁ ରହିବା ପରଠୁଁ ଏସବୁର ପ୍ରାରମ୍ଭ ହୋଇଯାଏ । ହିନ୍ଦୁ ଧର୍ମ ଗ୍ରନ୍ଥରେ ଷୋଡଶ ସଂସ୍କାରର ଉଲ୍ଲେଖ ଅଛି ଯାହା ମଣିଷର ଗର୍ଭାଧାନ ରୁ ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ କରାଯାଇଥାଏ । ସେଗୁଡିକ ହେଲା - ଗର୍ଭାଧାନ, ପୁଂସବନ, ସିମନ୍ତୋନ୍ନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ,ବିଦ୍ୟାରମ୍ଭ, କର୍ଣ୍ଣବେଧ, ଯଜ୍ଞୋପବୀତ, ବେଦାରମ୍ଭ, କେଶାନ୍ତ, ସମାବର୍ତ୍ତନ ବିବାହ ତଥା ଅନ୍ତ୍ୟେଷ୍ଟି । ଏସବୁ ସଂସ୍କାର ବିଧି ମଣିଷର ବିଭିନ୍ନ ବୟସ ଓ ସମୟରେ କରାଯାଇଥାଏ । ସେହିପରି ବ୍ୟକ୍ତିର ଜୀବନକାଳକୁ ଚାରି ଭାଗରେ ବିଭକ୍ତ କରାଯାଇଛି । ଏହି ଚାରି ଭାଗ ଚାରିଟି ଆଶ୍ରମ ନାମରେ ନାମିତ ଯଥା - ବ୍ରହ୍ମଚର୍ଯ୍ୟାଶ୍ରମ,ଗୃହସ୍ଥାଶ୍ରମ, ସନ୍ନ୍ୟାସ ବାନପ୍ରସ୍ଥ ନାମରେ ପରିଚିତ । ଆମେ ଆଜି ବାକ୍‌ଦାନ କର୍ମ,ବିବାହ ସଂସ୍କାର ଓ ଗୃହସ୍ଥାଶ୍ରମ ବିଷୟରେ କିଛି ଜାଣିବା ପାଇଁ ପ୍ରୟନ୍ତ କରିବା । ପୁରାତନ କାଳରେ ବିଦ୍ୟାଳୟ ନ ଥିଲା । ଗୁରୁକୁଳରେ ପିଲା ବିଦ୍ୟାରମ୍ଭ କରୁଥିଲେ । ସେଠି ରହି ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଦ ଶିକ୍ଷା କରୁଥିଲେ । ଶିକ୍ଷା ସମାପ୍ତି ପରେ 'ସମାବର୍ତ୍ତନ 'ସଂସ୍କାର କରାଯାଉଥିଲା । ପରେ ଗୁରୁଙ୍କ ଆଦେଶାନୁସାରେ ସେମାନେ ବିବାହ କରି ଗୃହସ୍ଥାଶ୍ରମରେ ପାଦ ଥାପୁଥିଲେ ।

ବୈଦିକ ପ୍ରଥାନୁସାରେ ବିବାହର ପୂର୍ବବର୍ତ୍ତୀ କର୍ମକୁ 'ବାକ୍‌ଦାନ' କୁହାଯାଏ । ଏହାକୁ ବିବାହର ଆଦ୍ୟ ସୋପାନ ଅଥବା ପ୍ରାରମ୍ଭିକ କାର୍ଯ୍ୟକ୍ରମ କହିଲେ ମଧ ଅତ୍ୟୁକ୍ତି ହେବ ନାହିଁ । ବାକ୍‌ଦାନ ଦୁଇଟି ଶବ୍ଦ 'ବାକ୍' ଏବଂ 'ଦାନ'ର ମିଳନରେ ତିଆରି ହୋଇଛି । 'ବାକ୍'ର ଅର୍ଥ କଥା ଏବଂ 'ଦାନ' ର ଅର୍ଥ ଦେବା । ଏହି ମର୍ମରେ 'ବାକ୍‌ଦାନ'ର ଅର୍ଥ ହେଲା 'କଥା ଦେବା କିମ୍ବା ପ୍ରତିଶ୍ରୁତି ଦେବା' ।

ଶିକ୍ଷା ସମାପନ ଓ ପରିପକ୍ୱ ବୟସ ହେଲେ ମାତାପିତା ନିଜର ପୁତ୍ର କିମ୍ବା କନ୍ୟାର ବିବାହ କଥା ଚିନ୍ତା କରିଥାନ୍ତି । କନ୍ୟାପିତା ଶିକ୍ଷିତ ବରଟିଏ ଖୋଜିଥାଏ । ଠିକ୍ ସିମିତି ବରପିତା ସଂସ୍କାରଯୁକ୍ତା ବୋହୂଟିଏ ଅନୁସନ୍ଧାନ କରେ । ଉଭୟପକ୍ଷ ବିବାହ ପାଇଁ ସହମତ ହେଲେ ବାକ୍ ଦାନ ସଂସ୍କାର ସକାଶେ ଦିନ ଧାର୍ଯ୍ୟ ହୁଏ । ସେହି ଦିନ ବ୍ରାହ୍ମଣ ଓ ଦେବଦେବୀଙ୍କୁ ସାକ୍ଷୀ ରଖି ଉଭୟ ପକ୍ଷ ପରସ୍ପରକୁ ପ୍ରତିଶ୍ରୁତି ଦିଅନ୍ତି । ଉଭୟ ଭାବି ବଧୂ ଓ ବର ବିବାହ ବନ୍ଧନରେ ବାନ୍ଧି ହେବାକୁ ସମ୍ମତି ପ୍ରଦାନ କରନ୍ତି । ପିତ୍ରାଳୟରେ ଝିଅ ଯେମିତି ସୁଖ ଓ ସୁବିଧାରେ ଜୀବନ ଅତିବାହିତ କରୁଥିଲା ବିବାହ ପରେ ଶ୍ୱଶୁରାଳୟରେ ସେପରି ସୁଖ ଓ ସୁବିଧାରୁ ବଞ୍ଚିତ ହେବନାହିଁ ବୋଲି ଶାଶୁଘର ଲୋକେ କଥା ଦିଅନ୍ତି । ଉଭୟେ ଉଭୟଙ୍କ ପରିବାର ଓ ପରିଜନଙ୍କ ପ୍ରତି କୌଣସି ପରିସ୍ଥିତିରେ ପକ୍ଷପାତ ,ନିରାଦର କିମ୍ବା ଅସମ୍ମାନ କରିବେ ନାହିଁ ବୋଲି ପ୍ରତିଶ୍ରୁତିବଦ୍ଧ ହୁଅନ୍ତି । ସତ୍‌ମାର୍ଗରେ ଧନ ଉପାର୍ଜନ ଓ ଉପାର୍ଜିତ ଧନର କିୟଦଂଶ (ଯଥାଶକ୍ତି) ସତ୍‌କର୍ମରେ ବିନିଯୋଗ କରିବେ ବୋଲି ସଂକଳ୍ପ ନିଅନ୍ତି । ବିବାହ ପରେ ଉଭୟେ ଭଲ ମନ୍ଦ, ସୁଖ ଦୁଃଖ, ସମ୍ପଦ ବିପଦ କୌଣସି ପରିସ୍ଥିତିରେ ପରସ୍ପର ଠାରୁ କେବେ ମଧ ଅଲଗା ନ ହୋଇ ଏକାଠି ବନ୍ଧୁ ଭଳି ସହାବସ୍ଥାନ କରିବାର ପ୍ରତିଶ୍ରୁତି ଦିଅନ୍ତି । ଉଭୟ ପୁଅ ଓ ଝିଅ ପରସ୍ପରର ମାଆ ବାପାଙ୍କୁ ନିଜ ମାଆ ବାପା ଭଳି ଆଦର, ସ୍ନେହ, ସତ୍‌କାର,ସମ୍ମାନ ଓ ଯତ୍ନ ନେବାକୁ କଥା ଦିଅନ୍ତି । ବାକ୍‌ଦାନ କର୍ମ ଦ୍ୱାରା ଦୁଇଟି ଅପରିଚିତ ଓ ଅଚିହ୍ନା ପରିବାର ମିଶି ଗୋଟିଏ ପରିବାର ହୋଇଯାନ୍ତି । ଆତ୍ମୀୟ ସ୍ୱଜନ ତଥା ଗୁରୁଜନଙ୍କ ଉପସ୍ଥିତିରେ ନୂଆ ବସ୍ତ୍ର, ଅଳଙ୍କାର ଓ ଆଭୂଷଣ, ଗୁଆ ଏବଂ ନଡ଼ିଆ ଆଦାନ ପ୍ରଦାନ ଏ ସଂସ୍କାରର ବିଶିଷ୍ଟ ଅଂଶ, ପରମ୍ପରା ଅଟେ । ଉଭୟ ପକ୍ଷ ଗୁଆ ଓ ନଡ଼ିଆ ସଦୃଶ ନିଜ ପ୍ରତିଶ୍ରୁତିରେ ଶୁଦ୍ଧ, ପବିତ୍ର,କଠିନ, ଟାଣ ଓ ଅଟଳ ରହିବାର ସଂକଳ୍ପ କରନ୍ତି । ପରେ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପୂଜାର୍ଚ୍ଚନା, ହୋମ ଓ ଯଜ୍ଞ କରାଯାଏ । ପୂର୍ବ ଓ ଦକ୍ଷିଣ ଓଡ଼ିଶାରେ ଏହି କର୍ମକୁ 'ନିର୍ବନ୍ଧ', ପଶ୍ଚିମ ଓଡ଼ିଶାରେ 'ପିନ୍ଧାଣି' ଓ ହିନ୍ଦୀ ଭାଷାରେ ଏହାକୁ 'ସଗାଇ' କୁହାଯାଏ । ଆମ ଦେଶର ବିଭିନ୍ନ ରାଜ୍ୟର ବିଭିନ୍ନ ବର୍ଗ ଓ ଶ୍ରେଣୀର ଲୋକେ ଏହାକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରିଥାନ୍ତି । ସଂସାର ସୃଷ୍ଟିହେବା ପୂର୍ବରୁ ଅଗଣିତ ଯୁବକ ଯୁବତୀ ଭୂମିରୁ ଜନ୍ମନେଲେ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ସେତେବେଳେ ତାଙ୍କ ମଧରେ ଅମୈଥୁନି ବିବାହ ହେଉଥିଲା । ପରେ ବୈଦିକ ରୀତିନିତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହେବାକୁ ଲାଗିଲା । ବିବାହ ଏକ ସାଧାରଣ ସଂସ୍କାର ନୁହେଁ । ଏହା ଗୃହସ୍ଥାଶ୍ରମର ଆଦ୍ୟାବସ୍ଥା, ପ୍ରବେଶ ଦ୍ୱାର । ଏହା ଆଠ ପ୍ରକାର ବୋଲି ଶାସ୍ତ୍ର ବିବେଚନା କରେ । ବ୍ରହ୍ମା ବିବାହ, ଦେବ ବିବାହ, ଆର୍ଯ୍ୟ ବିବାହ, ପ୍ରଜାପତ୍ୟ ବିବାହ, ଗନ୍ଧର୍ବ ବିବାହ, ଅସୁର ବିବାହ, ରାକ୍ଷସ ବିବାହ ଓ ପିଶାଚ ବିବାହ । ବ୍ରହ୍ମା ବିବାହ ଆଜିକାଲିର ବ୍ୟବସ୍ଥା ବିବାହର ( Arrange Marriage ) ରୂପ ଅଟେ । ବାକ୍‌ଦାନ, ବେଦ୍ୟାରମ୍ଭ, ମାଟିପକା, ଗନ୍ଧଷଣ, ହଳଦୀ, ଆଦି ବିବାହର ପ୍ରାକ କାର୍ଯ୍ୟକ୍ରମ । ବର ବରଣ, ହରିଦ୍ରାଲେପନ, ଦ୍ୱାରପୂଜା, ମଙ୍ଗଳାଷ୍ଟକ, ହସ୍ତପୀତକରଣ, କନ୍ୟାଦାନ, ପାଣିଗ୍ରହଣ, ଗ୍ରନ୍ଥିବନ୍ଧନ, ବରବଧୂଙ୍କ ପ୍ରତିଜ୍ଞା, ଶିଳାରୋହଣ, ପରିକ୍ରମା, ଆସନ ପରିବର୍ତ୍ତନ, ସିନ୍ଦୂର ଧାରଣ, ମାଲ୍ୟାର୍ପଣ, ମଂଗଳ ତିଳକ ,ଇତ୍ୟାଦି ଅନେକ ମହତ୍ୱପୂର୍ଣ୍ଣ କର୍ମ ବିବାହ ସଂସ୍କାର ସହିତ ଜଡ଼ିତ । ବିବାହର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ବରବଧୂଙ୍କ ପ୍ରତିଜ୍ଞା । ବିବାହ ପରେ ଉଭୟ ବର ଏବଂ ବଧୂ ସୁଖୀ ଦାମ୍ପତ୍ୟ ଜୀବନ ଜିଇଁବାକୁ ଏକାଧିକ ଶପଥ ନିଅନ୍ତି । ନ୍ୱଧୂକୁ ଅର୍ଦ୍ଧାଙ୍ଗିନୀ ଭାବେ ଗ୍ରହଣ, ଗୃହଲକ୍ଷ୍ମୀର ଅଧିକାର ପ୍ରଦାନ, ସ୍ନେହପୂର୍ବକ ସହନଶୀଳା ହୋଇ ଆତ୍ମୀୟତା ରକ୍ଷଣ ,ପତ୍ନୀ ସହ ମିତ୍ର ଭାବ ପୋଷଣ,ପତ୍ନୀବ୍ରତ ଧର୍ମର ପାଳନ,ଗୃହ ବ୍ୟବସ୍ଥାରେ ଧର୍ମପତ୍ନୀର ପ୍ରାଧାନ୍ୟ, ଧର୍ମପତ୍ନୀର ସୁଖ, ଶାନ୍ତି, ସୁବିଧା ଓ ପ୍ରଗତିର ସଂରକ୍ଷଣ, ଅନ୍ୟମାନଙ୍କ ସମକ୍ଷରେ ଧର୍ମପତ୍ନୀକୁ ଲାଞ୍ଛିତ ନ କରି ସମ୍ମାନ ପ୍ରଦର୍ଶନ,ପତ୍ନୀ କର୍ମବିମୁଖ ହେଲେ ମଧ ସହଯୋଗ ଓ କର୍ତ୍ତବ୍ୟ ପାଳନ ଇତ୍ୟାଦି ଶପଥ ବର ନିଏ । ଅନୁରୂପ ଭାବେ ନବବଧୂ ମଧ ପ୍ରକୃତ ଅର୍ଦ୍ଧାଙ୍ଗିନୀ ହୋଇ ରହିବା,ପତିଙ୍କ ପରିବାର ଓ ପରିଜନଙ୍କୁ ଏକ ଶରୀର ଭାବି ସମସ୍ତଙ୍କ ସହିତ ଶିଷ୍ଟତା, ଉଦାରତା ପୂର୍ବକ ସେବା ଓ ମଧୁର ବ୍ୟବହାର କରିବା, ଆଳସ୍ୟ ପରିତ୍ୟାଗ କରି ପରିଶ୍ରମପୂର୍ବକ ଗୃହ କାର୍ଯ୍ୟ କରିବା ଓ ପତିଙ୍କ ପ୍ରଗତିରେ ସମୁଚିତ ଯୋଗଦାନ କରିବା, ପତିବ୍ରତ ଧର୍ମର ପାଳନ କରିବା, ସେବା,ସ୍ୱଚ୍ଛତା ତଥା ପ୍ରିୟଭାଷଣର ଅଭ୍ୟାସ ବଲବତ୍ତର ରଖିବା, ମିତବ୍ୟୟୀ ହେବା, ପତି ଅସମର୍ଥ ହୋଇଗଲେ ମଧ ଗୃହସ୍ଥର ଅନୁଶାସନ ପାଳନ କରିବା, ଦେବତୁଲ୍ୟମଣି ପତିର ସେବା କରିବା, କେବେ ମଧ ତାଙ୍କ ଅପମାନ ନ କରିବା, ପତିଙ୍କର ଯିଏ ପୂଜ୍ୟ ଏବଂ ଶ୍ରଦ୍ଧାର ପାତ୍ର ତାଙ୍କୁ ସେବା ଓ ବିନୟ ଦ୍ୱାରା ସବୁବେଳେ ସନ୍ତୁଷ୍ଟ ରଖିବା, ପରିବାରର ସମସ୍ତ ସଦସ୍ୟଙ୍କ ମଧରେ ସୁସଂସ୍କାରର ବିକାଶ ଓ ସେମାନଙ୍କୁ ସଦଭାବନା ସୂତ୍ରରେ ବାନ୍ଧି ରଖିବାର କୌଶଳ ନିଜ ଭିତରେ ବିକଶିତ କରିବା ଇତ୍ୟାଦି ପ୍ରତିଜ୍ଞା କରେ । ଏସବୁ ବିଧି ଓ ଶପଥର ଉପଯୁକ୍ତ ଅନୁପାଳନ ଦାମ୍ପତ୍ୟ ଜୀବନକୁ ନବୀନ ଶକ୍ତି ଯୋଗାଏ । ସକ୍ରିୟ ରଖିବାରେ ସହଯୋଗ କରେ ।

ଚାରି ଆଶ୍ରମ ମଧରେ ଗୃହସ୍ଥାଶ୍ରମ ଜ୍ୟେଷ୍ଠ ତଥା ଶ୍ରେଷ୍ଠ ଅଟେ । ଗୃହସ୍ଥକୁ କର୍ମଯୋଗୀ କୁହାଯାଏ । ଗୃହସ୍ଥ ଅର୍ଥ ଉପାର୍ଜନ ଏବଂ ଅନ୍ନାଦି ଉତ୍ପାଦନ କରି ଅନ୍ୟ ତିନି ଆଶ୍ରମର ଲୋକଙ୍କୁ ପ୍ରତିପୋଷଣ କରିଥାନ୍ତି । ଭୋଜନ ଓ ଅନ୍ୟ ପଦାର୍ଥ ଯୋଗାଇ ଜୀବିତ ରଖନ୍ତି । ଆୟ କରିବା ସହିତ ବୟୋଜ୍ୟେଷ୍ଠଙ୍କୁ ଆଦର, ସମ୍ମାନ ଓ ସେବା କରିବା ଏହି ଆଶ୍ରମର ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ବିବାହ କେବଳ ଉପଭୋଗ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ଏକ ସାମାଜିକ କର୍ତ୍ତବ୍ୟ ମଧ । ଗୃହସ୍ଥାଶ୍ରମରେ ବ୍ୟକ୍ତି ଧର୍ମ, ଅର୍ଥ ଓ କାମ ଭୋଗ କରେ । ପିତାମାତା ଯେଉଁ ସଂସ୍କାର କରିବେ,ସନ୍ତାନ ତାହା ଦେଖି ସେପରି ଅନୁପାଳନ କରିବେ । ଉତ୍ତମ ସନ୍ତାନ ଜନ୍ମକରି ତାକୁ ଉତ୍ତମ ମଣିଷ କରିବା ଗୃହସ୍ଥାଶ୍ରମର ପରମ ଧର୍ମ ଅଟେ । ତେଣୁ ଯଥାର୍ଥରେ କୁହାଯାଇଛି ଯସ୍ୟ ମାତା ପତିବ୍ରତା ଯସ୍ୟ ପିତା ଚ ଧାର୍ମିକ ,ଯସ୍ୟ ଗୁରୁ ମହଯୋଗୀ ତସ୍ୟ ନ ବିଚଳିତ ମନଃ । ମାତାପିତା ସଂସ୍କାରୀ ହେଲେ ହିଁ ନିଜ ସନ୍ତାନକୁ ଉପଯୁକ୍ତ ସଂସ୍କାର ଦେଇ ପାରିବେ । ଅସାଧୁ, ଅମଣିଷ ଅସାମାଜିକ, ଅକର୍ମଣ୍ୟ, ଅଭିମାନୀ, ଅସଫଳ ଓ ଅନ୍ୟାୟୀ ମାତାପିତା ନିଜ ସନ୍ତାନକୁ ଉତ୍ତମ ଭାବେ ଗଢି ପାରନ୍ତି ନାହିଁ । ସେବା, ପରୋପକାର, ଆତିଥ୍ୟ, ସହନଶୀଳତା, ଶ୍ରଦ୍ଧା, ପ୍ରେମ, ଭକ୍ତି ଏବଂ ଅନୁରକ୍ତି ଗୃହସ୍ଥାଶ୍ରମର ମୂଳମନ୍ତ୍ର । ଗୃହସ୍ଥାଶ୍ରମରେ ଥାଇ ମଧ ଜଣେ ଆତ୍ମ ସାକ୍ଷାତକାର କରିପାରିବ । ମୁଁ ଏବଂ ମୋର ରୁପୀ ଅହଂରୁ ନିଜକୁ ନିବୃତ୍ତ କରିପାରିବ । ନିଜ ମାତାପିତାଙ୍କୁ ଭକ୍ତିକରି ନିଜେ ଆଦର୍ଶ ମାତାପିତା ହୋଇପାରିବି । ଜୀବନର ଚତୁର୍ଥାବସ୍ଥାରେ ଉପନୀତ ମାତାପିତାଙ୍କୁ ଯିଏ ନିଜର ସନ୍ତାନ ଭଳି ମନେକରେ ଓ ତଦନୁସାରେ ଯତ୍ନନିଏ ସିଏ ହିଁ ଉତ୍ତମ ସନ୍ତାନ । ପିତାମାତାଙ୍କର ଉପଯୁକ୍ତ ଯତ୍ନ ନେଇଥିବା ବ୍ୟକ୍ତି ପ୍ରତିଦାନରେ ନିଜର ବୃଦ୍ଧାବସ୍ଥାରେ ନିଜ ସନ୍ତାନ ଠାରୁ ଅନୁରୂପ ବ୍ୟବହାର ଓ ଯତ୍ନ ପାଇଥାଏ । ଗୃହସ୍ଥାଶ୍ରମରେ ଉଭୟ ମାନବ ଓ ମାଧବସେବା କରିବାର ଅପୂର୍ବ ସୁଯୋଗ ଓ ସୌଭାଗ୍ୟ ମିଳିଥାଏ । ଦୃଷ୍ଟ ଓ ଅଦୃଷ୍ଟ ସାଧନର ସାଧନା ଦ୍ୱାରା ଗୃହସ୍ଥାଶ୍ରମରେ ମଧ ସିଦ୍ଧି ପ୍ରାପ୍ତ କରିହୁଏ । ତେଣୁ ଗୃହସ୍ଥାଶ୍ରମ ଅନ୍ୟ ଆଶ୍ରମମାନଙ୍କ ଠାରୁ ବଡ଼ ଅର୍ଥାତ୍ ଜ୍ୟେଷ୍ଠ ଓ ଗୁରୁତ୍ୱପୂର୍ଣ୍ଣ ଅର୍ଥାତ୍ ଶ୍ରେଷ୍ଠ ଅଟେ । ବଂଶରକ୍ଷା ଓ ପିତୃପୁରୁଷଙ୍କୁ ପିଣ୍ଡଦାନ ଆଦି ଏହି ଆଶ୍ରମର ଅନ୍ୟ ଧର୍ମ ଅଟେ ।

ଆଜିକାଲି ବିଦ୍ୟାଳୟର ଅଭାବ ନାହିଁ । ହାତଗଣତି କେତେକ ଗୁରୁକୁଳ ଉପଲବ୍ଧ ଥିବାର ପରିଲକ୍ଷିତ ହୁଏ । ବିଦ୍ୟାରମ୍ଭ ଓ ବେଦଶିକ୍ଷା ପାଇଁ ନା ଗୁରୁକୁଳ ଯିବାକୁ ପଡୁଛି ନା ବିବାହ ପାଇଁ ଗୁରୁଙ୍କ ଅନୁମତି । ପିଲାଟିଏ ଉପଯୁକ୍ତ ବୟସର ହେଲେ ମାତାପିତା ତାର ନାଁ ବିଦ୍ୟାଳୟରେ ଲେଖାନ୍ତି । ଏଥିପାଇଁ ସାଧାରଣତଃ ଶ୍ରୀ ପଞ୍ଚମୀ (ସରସ୍ୱତୀ ପୂଜା) କିମ୍ବା ଗଣେଶ ଚତୁର୍ଥୀ ( ଗଣେଶ ପୂଜା ) କୁ ଶୁଭ ଦିନ ବୋଲି ବିଚାର କରାଯାଏ । ଲୋକେ ଏହାକୁ 'ଖଡ଼ି ଛୁଆଁ' ମଧ କୁହନ୍ତି । ମାଟିସିଲଟରେ ଧଳାଖଡ଼ି (ଚକ) ସାହାଯ୍ୟରେ ଆଦ୍ୟାକ୍ଷର 'ଅ' କିମ୍ବା କାର୍ଯ୍ୟ ପ୍ରାରମ୍ଭର ଶୁଭ ସଂକେତ ବହନ କରୁଥିବା ଓଁ ଅଥବା ଶ୍ରୀ ଯୁକ୍ତାକ୍ଷର ଲେଖି ତାଉପରେ ବୁଲେଇବାକୁ ପିଲାକୁ କୁହାଯାଏ । ବର୍ତ୍ତମାନ ଏ ପରମ୍ପରା ଆଉ ଦେଖିବାକୁ ମିଳୁନାହିଁ । ଆଧୁନିକମଣିଷ ବାକ୍‌ଦାନ, ବିବାହ ଓ ଗୃହସ୍ଥାଶ୍ରମର ବିଧିବିଧାନ ଓ ଧର୍ମାଦି କର୍ମ ଅନୁପାଳନ ପାଇଁ ଅନାଗ୍ରହୀ । ବିଭିନ୍ନ ସଂସ୍କାର ମଣିଷକୁ ପରିପୁଷ୍ଟ କରେ ବୋଲି ତାର ଆସ୍ଥା ଓ ବିଶ୍ୱାସ ମଧ ଦିନକୁ ଦିନ କମିବାରେ ବସିଲାଣି । ବ୍ୟବସ୍ଥା ବିବାହ ଅପେକ୍ଷା ପ୍ରେମବିବାହ ଆଜିକାଲିର ଯୁବପିଢ଼ିକୁ ଅପେକ୍ଷାକୃତ ଅଧିକ ଆକର୍ଷିତ କରୁଛି । ଅତ୍ୟାଧୁନିକ ପୁଅଝିଅ ପରସ୍ପରକୁ ଜାଣିବା ପାଇଁ ବିବାହ ପୂର୍ବରୁ ଲିଭ୍ ଇନ୍ ରିଲେସନରେ ରହିବାକୁ ମଧ ପଛଘୁଞ୍ଚା ଦେଉନାହାନ୍ତି । ବିବାହକୁ ଆଜିର ମଣିଷ ଉପଭୋଗ୍ୟ ମନେକରି ଗୃହସ୍ଥାଶ୍ରାମର ମର୍ଯ୍ୟାଦା ବିସ୍ମରଣ କରୁଛି । ଫଳତଃ ଭାରତୀୟ ହିନ୍ଦୁ ଧର୍ମ ଓ ପରମ୍ପରା କ୍ରମଶଃ ଅବକ୍ଷୟ ଆଡ଼କୁ ଗତିକଲାଣି । ଏଥିସକାଶେ କିଏ କିପରି ଓ କେତେଦୂର ଦାୟୀ,ତାହା ବିଚାର କରିବା କଥା । ଆତ୍ମସମୀକ୍ଷା କରିବା ଉଚିତ୍ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର

## ଆଜିର ଚିନ୍ତନ

ଯେଉଁମାନେ କର୍ମବୀର– ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଅନୁଭବ କରିପାରନ୍ତିନି କର୍ମହୀନତା । ଗୋଟିଏ କର୍ମରୁ ଅବସର ନେଲେ ବାକିଥାଏ ଆଉ ଗୋଟିଏ କର୍ମ । ଆମେରିକାର ରାଷ୍ଟ୍ରପତି ଜିମି କାର୍ଟର । ଦେଶର ଉନ୍ନତି ପାଇଁ ଅବିରାମ ଉଦ୍ୟମ ସତ୍ତ୍ୱେ ଅନେକ ବିବାଦରେ ଛନ୍ଦି ହୋଇ ହରେଇ ବସିଲେ ଲୋକଙ୍କ ଆସ୍ଥା । ଶେଷରେ ନିର୍ବାଚନରେ ହାରି ( ୧୯୮୦) ରାଜନୀତିରୁ ବିଦାୟ ନେଇଥିଲେ ଛପନବର୍ଷ ବୟସରେ । ଅଳ୍ପଦିନ ପରେ ଏମେରୀ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ଅଧାପକ ଭାବରେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ମାନବିକ ଅଧିକାର ଉପରେ ଅନେକ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରିବା ସହିତ ରଚନା କଲେ ଚଉଦଟି ପୁସ୍ତକ । ଏଭଳି କୃତିତ୍ୱ ପାଇଁ ଦେଶ ବିଦେଶରୁ ଛୁଟିଲା ପ୍ରଶଂସା ଓ ସମ୍ମାନର ସୁଅ । ଶେଷରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରି ବୟସ୍କଙ୍କ ପାଇଁ ପାଲଟିଗଲେ ପ୍ରେରଣାର ଉତ୍ସ । ଷାଠିଏ ବର୍ଷ ବୟସରେ ପଦାର୍ପଣ କଲାପରେ ରବୀନ୍ଦ୍ରନାଥ ଟାଗୋର ଆରମ୍ଭ କରିଥିଲେ ଚିତ୍ରବିଦ୍ୟା । ସତାବନ ବର୍ଷ ବୟସରେ ଗଳ୍ପଲେଖା ଆରମ୍ଭ କରିଥିଲେ ଫକୀରମୋହନ ସେନାପତି ।

ମାଇକେଲ ଆଞ୍ଜେଲୋ ସବୁଠାରୁ ସୁନ୍ଦର ମୂର୍ତ୍ତି ନିର୍ମାଣ କରିଥିଲେ ଅଶୀ ବର୍ଷ ବୟସରେ । ବୟାନବେ ବର୍ଷ ବୟସରେ ଟଲଷ୍ଟୟ ଲେଖୁଥିଲେ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଆଇ କେନଟ୍ ବି ସାଇଲେଣ୍ଟ' । ଜର୍ମାନ ଲେଖକ ଗେଟେ ତାଙ୍କର ବିଖ୍ୟାତ ପୁସ୍ତକ 'ଫଷ୍ଟ' ଲେଖା ସଂପୂର୍ଣ୍ଣ କରିଥିଲେ ୮୩ ବର୍ଷ ବୟସରେ । ବୈଜ୍ଞାନିକ ଏଡିସନ୍ ଅଶୀବର୍ଷ ବୟସ ପରେ ଉଦ୍ଭାବନ କରିଥିଲେ ଡିକ୍ଟୋଫୋନ୍ ଯନ୍ତ୍ର । ବରିଷ୍ଠଙ୍କ ଅନୁଭୂତିରେ ଥାଏ ଏକ ପ୍ରୟୋଗାତ୍ମକ ମୂଲ୍ୟ । ଏଥିସହିତ ଅଭ୍ୟାସ ଓ ଆତ୍ମପ୍ରତ୍ୟୟ ମିଶିଗଲେ ପଛରେ ପଡ଼ିଯାଏ ବୟସ । ପଞ୍ଜାବର ଚଉରାନବେ ବର୍ଷ ବୟସ୍କ ଫୌଜ ସିଂ । ଅଭ୍ୟାସ ବଳରେ ଛଅଶହ ପ୍ରତିଯୋଗୀଙ୍କୁ ପଛରେ ପକାଇ ସଫଳତା ଅର୍ଜନ କରିଥିଲେ ଇଡେନବର୍ଗରେ ଅନୁଷ୍ଠିତ ମାରାଥନ (୨୦୦୬) ଦୌଡ଼ରେ । ନବେବର୍ଷ ବୟସରେ ଚମତ୍କାର ସାହାନାଇ ବାଦନ କରୁଥିଲେ ବିସମିଲ୍ଲା ଖାଁ । ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କର୍ ଓ ଆଶା ଭୋସଲେ ସୁଲଳିତ କଣ୍ଠରେ ସଙ୍ଗୀତ ପରିବେଷଣ କରି ପାରୁଥିଲେ ପାଖାପାଖି ଅଶୀବର୍ଷ ପର୍ଯ୍ୟନ୍ତ । ଥରେ ଗୋଟିଏ ଜାହାଜର ଡେକ୍ ଉପରେ ଜଣେ ଅତି ବୟସ୍କ ବ୍ୟକ୍ତି କିଛି କରୁଥିବାର ଦେଖି ବ୍ରିଟିଶ ଲେଖକ ବ୍ରୁସ୍ ଚାଟ୍‌ୱିନ୍ ତାଙ୍କ ପାଖକୁ ଯାଇ ଜାଣିଲେ ସେ ଚୀନା ଅକ୍ଷରର କାଲିଗ୍ରାଫି ଅଭ୍ୟାସରେ ମଗ୍ନ । କୌତୂହଳ ଏଡ଼ି ନ ପାରି ବ୍ରୁସ୍ ତାଙ୍କ ସହିତ ଆଳାପ କମାଇ ପଚାରିଲେ ପରିଣତ ବୟସରେ ଏସବୁ ଶିଖିବାରେ ଲାଭ କ'ଣ ? ବୃଦ୍ଧ ଉତ୍ତର ଦେଲେ ଏଥରୁ ମିଳୁଥିବା ପ୍ରଚୁର ଆନନ୍ଦ ହିଁ ଲାଭ । ବ୍ରୁସ୍ ବୟସ ଜାଣିବାକୁ ଚାହିଁବାରୁ ସେ କହିଲେ – ମାତ୍ର ଚାରି ବର୍ଷ । କାରଣ ଚାରି ବର୍ଷ ତଳେ ସେ ଏହା ଶିଖୁବା ଆରମ୍ଭ କଲେ ଏବଂ ସେବେଠାରୁ ଯେଉଁ ଆନନ୍ଦ ଅନୁଭବ କରୁଛନ୍ତି, ତାହା ତାଙ୍କୁ ଆଣିଦେଇଛି ନବଜନ୍ମ । ବୃଦ୍ଧଙ୍କର ଏଭଳି ଉତ୍ସାହକୁ ଲକ୍ଷ୍ୟ କରି ବ୍ରୁସ୍ ଲେଖିଛନ୍ତି ବୟସ ହେଉଛି ଏକ ସଂଖ୍ୟା ମାତ୍ର । ବୟସ ଦେହରେ ନ ଥାଏ, ଥାଏ ମନରେ । ଅର୍ଥାତ୍ ଜୈବିକ ବୟସ ନୁହେଁ ଗୁରୁତ୍ୱପୂର୍ଣ୍ଣ ହେଉଛି ମନସ୍ତାତ୍ତ୍ୱିକ ବୟସ ।

ବର୍ଷ ୨୮, ସଂଖ୍ୟା - ୨୬, ୩୦ ଜୁନ୍ - ୬ ଜୁଲାଇ୍ ୨୦୨୪

# ପରୀକ୍ଷାର ପରୀକ୍ଷଣ

**ଜା**ତୀୟ ପରୀକ୍ଷଣ (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସଦ୍ୟସମାପିତ ୟୁଜିସି ନେଟ୍ ଏବଂ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ରାଜନୈତିକ ଦଳଗୁଡ଼ିକ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଏନ୍‌ଟିଏ ପରିଚାଳନା କରୁଥିବା ୟୁଜିସି–ନେଟ୍ ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ ପାଇଁ ବାତିଲ କରାଯାଇଛି । ଗତ ୧୮ ତାରିଖରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନେ ୧୯ ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷା ବାତିଲ ସମ୍ବନ୍ଧୀୟ ସୂଚନା ପାଇଥିଲେ । ଫଳରେ ପ୍ରାୟ ୯ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ମଧକୁ ଠେଲି ହୋଇଯାଇଛି । ପୂର୍ବେ ଅନ୍‌ଲାଇନରେ ପରୀକ୍ଷା ହେଉଥିବାସ୍ଥଳେ ପ୍ରଥମ ଥର ପାଇଁ ହୋଇଥିବା ଅଫ୍‌ଲାଇନ ପରୀକ୍ଷାରେ ବ୍ୟାପକ ଅନିୟମିତତା ବା ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣା ସମ୍ପ୍ରତି ସବୁଠୁ ବଡ଼ ପ୍ରଶ୍ନବାଚୀ ଭାବେ ଦଣ୍ଡାୟମାନ । ଗବେଷଣା ନିମନ୍ତେ ସର୍ବଭାରତୀୟ ସ୍ତରରେ ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ଏହି ପରୀକ୍ଷା ସହାୟକ ହୋଇଥାଏ । ନେଟ୍, ଜେଆର୍‌ଏଫ୍ ଉତ୍ତୀର୍ଣ୍ଣ ହୋଇ ପିଏଚ୍.ଡି କରିବା ପାଇଁ ପରୀକ୍ଷାର୍ଥୀମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଏବେ ଧୂଳିସାତ୍ ହେବାକୁ ଯାଉଛି । ପୂର୍ବରୁ ନିଟ୍ ପରୀକ୍ଷାରେ ୬୭ ଜଣ ଟପ୍ପର ହେବା ଓ ବହୁ ଛାତ୍ରୀଛାତ୍ରଙ୍କୁ ଗ୍ରେସ ମାର୍କ ପ୍ରଦାନ କରାଯାଇଥିବାରୁ ବିବାଦ ଦେଖା ଦେଇଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୧୫୬୩ ପିଲାଙ୍କ ପାଇଁ ପୁନଃ ପରୀକ୍ଷା ହେବ । ଏହି ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ମଧ ପ୍ରଘଟ ହୋଇଥିବା ଅଭିଯୋଗ ହୋଇଥଲା । ସେହିପରି କିଛି ପରୀକ୍ଷାର୍ଥୀଙ୍କୁ ଅନୁଗ୍ରହ କରି ସିୟୁଇଟି - ପିଜି ପରୀକ୍ଷାରେ ଅଧିକ ମାର୍କ ଦିଆଯାଇଥିବା ମଧ ଅଭିଯୋଗ ହୋଇଛି । ଏହାସହ ଏନ୍‌ସିଟିଇ ପରୀକ୍ଷାକୁ ମଧ ବୈଷୟିକ କାରଣ ଦର୍ଶାଇ ବାତିଲ କରାଯାଇଛି । ଏ ସବୁ ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏ ବିରୋଧରେ ଗୋଟିଏ ପରେ ଗୋଟିଏ ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହେଉଛି । ଗତ ଫେବୃଆରୀରେ କେନ୍ଦ୍ର ଏକ ନୂତନ ପ୍ରଶ୍ନପତ୍ର ପ୍ରଘଟ ବିରୋଧୀ ଆଇନ ପ୍ରଣୟନ ପରିଚାଳିତ ପରୀକ୍ଷା । ଶିକ୍ଷାଗତ ତଥା ସରକାରୀ ନିଯୁକ୍ତି ବ୍ୟବସ୍ଥାର ବିଶ୍ୱସନୀୟତାକୁ ବିପଦରେ ପକାଇଲା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏକ ନୂତନ ନିୟମ ପ୍ରଣୟନ କରିବାର ଆବଶ୍ୟକତା ଏବେ ବାଞ୍ଛନୀୟ । ଅସଂଖ୍ୟ ବିବିଧତା ଓ ଆହ୍ୱାନଭରା ଦେଶରେ, ପରୀକ୍ଷା ଶୃଙ୍ଖଳାର ଏକ ଦୁର୍ବଳ ସଂଯୋଗ ପ୍ରଶ୍ନପତ୍ର ସଂରଚନା ଠାରୁ ଆରମ୍ଭ କରି ଉତ୍ତର ପତ୍ର ମୂଲ୍ୟାଙ୍କନ ପର୍ଯ୍ୟନ୍ତ ବହୁ କଠୋର ପରିସ୍ଥିତିର ସାମ୍ନା କରିଥାଏ । ଅନେକ ରାଜ୍ୟରେ ପରୀକ୍ଷା ପ୍ରବଞ୍ଚନା ବିରୋଧୀ ନିୟମ ରହିଥିବା ସତ୍ତ୍ୱେ ପରୀକ୍ଷା ମାଫିଆ ଏବଂ କୋଚିଂ-କ୍ଲାସ ଇଣ୍ଡଷ୍ଟ୍ରି ସହ ଜଡ଼ିତ ନେଟ୍‌ୱର୍କକୁ ନଷ୍ଟ କରିବା କଷ୍ଟକର ହୋଇପଡ଼ିଛି । ଫେବୃଆରୀରେ ହୋଇଥିବା ଏକ ତଦନ୍ତ ରିପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧରେ ୧୫ଟି ରାଜ୍ୟରେ ୪୦ରୁ ଊର୍ଦ୍ଧ୍ୱ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଦେଖିବାକୁ ମିଳିଛି, ଯାହା ଶିକ୍ଷା, ଇଞ୍ଜିନିୟରିଂ, ସାଧାରଣ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ଏବଂ ପୋଲିସ ସେବା ଭଳି ବିଭିନ୍ନ କ୍ଷେତ୍ରୀୟ ପଦବୀ ପାଇଁ ଆବେଦନ କରିଥିବା ପ୍ରାୟ ୧.୫ କୋଟି ପରୀକ୍ଷାର୍ଥୀଙ୍କ କାର୍ଯ୍ୟସୂଚୀକୁ ବ୍ୟାହତ କରିଛି । ଉଚ୍ଚ ଆକାଂକ୍ଷିତ ବୃହତ୍ ଯୁବଗୋଷ୍ଠୀଙ୍କ ଦେଶରେ ଏପରି ବ୍ୟାଘାତ ଅସନ୍ତୋଷ ଓ ଅନିଶ୍ଚିତତାର ଭାବ ଜାତ କରୁଛି । ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ, ନିକଟ ଅତୀତରେ ଅନେକ ରାଜ୍ୟରେ ପରୀକ୍ଷାମୂଳକ ଅନିୟମିତତା ହେତୁ ଜନସାଧାରଣଙ୍କ ମନରେ ମଧ ଅସନ୍ତୋଷ ବୃଦ୍ଧି ପାଇଛି । ସଦ୍ୟସମାପିତ ଲୋକ ସଭା ନିର୍ବାଚନରେ ତଥା ରାଜସ୍ଥାନ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶରେ ଗତ ବର୍ଷର ବିଧାନସଭା ନିର୍ବାଚନରେ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ପ୍ରସଙ୍ଗରେ ରାଜନୈତିକ ଶ୍ରେଣୀର ଚିନ୍ତାଧାରାର ଅଭାବ ଦେଶରେ ଅଚଳାବସ୍ଥା ସୃଷ୍ଟି କରୁଛି, ଯାହା ଆସନ୍ତା ଦୁଇ ଦଶନ୍ଧି ମଧରେ ଗୋଷ୍ଠୀ ବିଭାଜନର ସୂତ୍ରଧର ସାଜିପାରେ ।

ଜାତୀୟ ପରୀକ୍ଷଣ ସଂସ୍ଥାରେ ଗଠନମୂଳକ ସଂସ୍କାର ହେବା ଦରକାର । ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଯଥାର୍ଥ ପ୍ରବେଶିକା ପରୀକ୍ଷା କରିବା ଏକ ବଡ଼ ଆହ୍ୱାନ, ଯେଉଁଥିରେ ଏକ ବହୁମୁଖୀ ଆଭିମୁଖ୍ୟର ଆବଶ୍ୟକତା ଅଛି ।

ଏନ୍‌ଟିଏ ଦ୍ୱାରା ସୁରକ୍ଷିତ ପରୀକ୍ଷଣ ପରିକଳ୍ପନା ଏବଂ ପ୍ରଯୁକ୍ତି ବିଦ୍ୟାର ସଠିକ ବ୍ୟବହାରକୁ ସୁନିଶ୍ଚିତ କରିବାକୁ ହେବ, ଯେଉଁଥିରେ କମ୍ପ୍ୟୁଟର ଆଧାରିତ ପରୀକ୍ଷଣ (ସିବିଟି), ବିକ୍ଷିପ୍ତ ପ୍ରଶ୍ନାବଳୀ ଏବଂ ଉପଯୋଗୀ ପରୀକ୍ଷା କୌଶଳ ଅନ୍ତର୍ଭୁକ୍ତ ହୋଇଛି । ଏଥିରେ କୌଣସି ଦୁଇ ପରୀକ୍ଷାର୍ଥୀଙ୍କର ସମାନ ପ୍ରଶ୍ନର ସେଟ୍ ରହିବା ସମ୍ଭବ ନୁହେଁ । ତେଣୁ, ଏହା ଏକ ଆକର୍ଷଣୀୟ ବିକଳ୍ପ ।

ଅତ୍ୟଧିକ ପ୍ରତିଯୋଗିତାମୂଳକ ପରୀକ୍ଷାଗତ ପ୍ରବୃତ୍ତି ଉଭୟ ଶିକ୍ଷାଗତ ଏବଂ ନିଯୁକ୍ତିଗତ ଅପାରଗତାର ବିଲକ୍ଷଣ । ଚାହିଦା ଓ ଯୋଗାଣ ମଧରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପରୀକ୍ଷା ଫିକ୍କର୍ ଏବଂ ଚାକିରି ମାଫିଆଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଏ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ । ବର୍ତ୍ତମାନ କେନ୍ଦ୍ର ସରକାର ଉଭୟ ନିଟ୍ ଓ ନେଟ୍‌କୁ ନେଇ ଉପୁଜିଥିବା ବିବାଦର ତଦନ୍ତ କରୁଥିବାରୁ ଏହି ଦୀର୍ଘସୂତ୍ରୀ ସମସ୍ୟାର ସମାଧାନ ବିଳମ୍ବ ହେବନାହିଁ ବୋଲି ଆଶା ।

# କ୍ଷମତାର ବ୍ୟବହାର

## ମହାତ୍ମା ଗାନ୍ଧୀ



**ଅ**ହିଂସା ସ୍ୱଭାବତଃ କଦାପି କ୍ଷମତା ‘ଦଖଲ’ କରିନେଇ ପାରିବନାହିଁ, ତାହା ଅହିଂସାର ଲକ୍ଷ୍ୟ ମଧ ହୋଇ ପାରିବନାହିଁ । ମାତ୍ର ଅହିଂସା ଆହୁରି ଅଧିକ କେତେ କଥା ସମ୍ଭବ କରି ପାରିବ ; ଶାସନର ଯନ୍ତ୍ରକୁ ଅଧିର ନକରି ମଧ ଏହା ଅତ୍ୟନ୍ତ ଫଳପ୍ରଦଭାବରେ କ୍ଷମତାର ନିୟନ୍ତ୍ରଣ କରି ପାରିବ ଓ ତାହାକୁ ବାଟ ଦେଖାଇ ପାରିବ । ଏହା ହେଉଛି ତା’ର ଏକ ସୌନ୍ଦର୍ଯ୍ୟ ।

ଅବଶ୍ୟ, ଏଥରେ ଏକ ବ୍ୟତିକ୍ରମ ମଧ ରହିଛି । ଯଦି ଲୋକମାନଙ୍କର ଅହିଂସ ଅସହଯୋଗ ଏପରି ସମ୍ପୂର୍ଣ୍ଣ ହୋଇ ପାରିଥୁବ ଯେ ଶାସନ ଆଉ ଆଦୌ କ୍ରିୟାଶୀଳ ହୋଇ ପାରୁ ନଥିବ ଅଥବା, ଯଦି ବହିଃ ଆକ୍ରମଣର ଚାପରେ ଶାସନ କଳ ଭୁଶୁଡ଼ି ପଡ଼ିବ ଏବଂ ଏକ ଶୂନ୍ୟସ୍ଥାନର ସୃଷ୍ଟି ହୋଇଯିବ, ସେତେବେଳେ ଜନସାଧାରଣଙ୍କର ପ୍ରତିନିଧିମାନେ ଅଗ୍ରସର ହୋଇଯିବେ ଏବଂ ସେହି ଶୂନ୍ୟସ୍ଥାନଟିକୁ ପୂରଣ କରିବେ । ସିଦ୍ଧାନ୍ତତଃ ଏକଥା ନିଶ୍ଚୟ ସମ୍ଭବ ହେବ ।

ମାତ୍ର କ୍ଷମତାର ବ୍ୟବହାରକୁ ଯେ ଅବଶ୍ୟ ସହିଂସ ହେବାକୁ ପଡ଼ିବ, ସେକଥା ଆଦୌ ନୁହେଁ । ଜଣେ ବାପାର ମଧ ତା’ର ପିଲାମାନଙ୍କ ଉପରେ କ୍ଷମତା ରହିଥାଏ । ସେ ଇଚ୍ଛା କଲେ ଶାସ୍ତି ମଧ ଦେଇପାରେ, ମାତ୍ର କଦାପି ସହଂସ ହୋଇ ସେ ତାହା କରେ ନାହିଁ । ଯେଉଁ କ୍ଷମତା ସବୁଠାରୁ କମ୍ କଷ୍ଟ ଦିଏ, ତାହା ହିଁ ସବୁଠାରୁ ଅଧିକ ଫଳଦାୟକ ହୋଇଥାଏ । ଯଥାର୍ଥଭାବରେ ନିୟୋଜିତ ହୋଇ ପାରୁଥିବା କ୍ଷମତା ଠିକ୍ ଫୁଲଟିଏ ପରି ହାଲୁକା ହୋଇ ବସିଥାଏ ; କେହି ତା’ର ଓଜନକୁ ଅନୁଭବ କରି ପାରୁନଥାନ୍ତି ।

ଜନସାଧାରଣ ସ୍ୱେଚ୍ଛାକୃତ ଭାବରେ କଂଗ୍ରେସର କର୍ତ୍ତୃତ୍ୱକୁ ଗ୍ରହଣ କରି ନେଇଛନ୍ତି । ଏକାଧିକ ଅବସରରେ ମୋତେ ଜଣେ ଏକାଧିନାୟକର ପୂର୍ଣ୍ଣ କ୍ଷମତା ମଧ ପ୍ରଦାନ କରାଯାଇଛି । ମାତ୍ର, ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିଥିଲେ ଯେ, ସେମାନଙ୍କର ସ୍ୱେଚ୍ଛାପ୍ରବୃତ୍ତ ସମର୍ଥନ ଉପରେ ହିଁ ମୋ’ର ସେହି କ୍ଷମତା ନିର୍ଭରଶୀଳ ହୋଇ ରହିଥିଲା । ସେମାନେ ଯେକୌଣସି ସମୟରେ ମଧ ମୋତେ ବାହାର କରିଦେଇ ପାରିଥାନ୍ତେ ଏବଂ ମୁଁ ମଧ ଆଦୌ କୌଣସି ଆପତ୍ତି ନକରି ବାହାରି ଆସିଥାନ୍ତି ।

ପୈଗମ୍ବର ଏବଂ ଅତିମାନବମାନେ ଗୋଟିଏ ଯୁଗରେ କେବଳ ଥରେ ଜନ୍ମ ହୁଅନ୍ତି । ମାତ୍ର, ଯଦି ଜଣେ ବ୍ୟକ୍ତି ମଧ ସମ୍ପୂର୍ଣ୍ଣଭାବରେ ଅହିଂସା-ଆଦର୍ଶର ଉପଲବ୍ଧି କରିପାରେ, ତେବେ ତାହାର କରଣି ସମଗ୍ର ସମାଜକୁ ବ୍ୟାପିଯାଏ ଓ ସେ ସେହି ସମାଜର ପରିତ୍ରାଣର କାରଣ ହୁଏ । କେବଳ ଜଣେ ଯୀଶୁ ପଥଟିକୁ ଚିହ୍ନିତ କରି ଦେଇଥିଲେ, ଏବଂ ତାଙ୍କର ଅନୁପସ୍ଥିତିରେ ମଧ ତାଙ୍କର ବାରଜଣ ଶିଷ୍ୟ ତାଙ୍କର ସନ୍ଦେଶଟିକୁ ଅଗ୍ରସର କରାଇ ନେଇ ପାରିଲେ ।

ବିଦ୍ୟୁତ୍ ଶକ୍ତିର ବିଧାନଗୁଡ଼ିକୁ ଆବିଷ୍କାର କରିବା ନିମନ୍ତେ କେତେ କେତେ ପୁରୁଷର ବୈଜ୍ଞାନିକମାନଙ୍କ ଅଧ୍ୟବସାୟ ଏବଂ ପ୍ରତିଭା ଆବଶ୍ୟକ ହୋଇଥିଲା, ମାତ୍ର ବର୍ତ୍ତମାନ ପ୍ରତ୍ୟେକ ମନୁଷ୍ୟ, ଏପରିକି ସାନ ପିଲାମାନେ ମଧ ସେମାନଙ୍କର ଦୈନିକ ଜୀବନରେ ବିଦ୍ୟୁତ୍ ଶକ୍ତିର ବ୍ୟବହାର କରୁଛନ୍ତି । ସେହିପରିଭାବରେ, ଥରେ ସାକାରଭାବରେ ପ୍ରତିଷ୍ଠିତ ହୋଇଗଲେ ଗୋଟିଏ ଆଦର୍ଶ ରାଷ୍ଟ୍ରକୁ ଚଳାଇବା ସକାଶେ ସବୁବେଳେ କଦାପି ଜଣେ ପରିପୂର୍ଣ୍ଣ ବ୍ୟକ୍ତିର ପ୍ରୟୋଜନ ହେବନାହିଁ । ପ୍ରଥମରେ କେବଳ ଏକ ପୂର୍ଣ୍ଣ ସାମାଜିକ ଜାଗୃତି ଆବଶ୍ୟକ ହେବ । ଆଉ ସବୁ କଥା ପରେ ପରେ ଆସିଯିବ ।

ହାତ ପାଖରେ ଥିବା ଗୋଟିଏ ଉଦାହରଣ ଦେଇ କହିଲେ, ଶ୍ରମିକମାନଙ୍କ ଆଗରେ ମୁଁ ଏହି ସତ୍ୟଟିର ଉପସ୍ଥାପନା କରିଛି ଯେ, ରୂପା କିମ୍ବା ସୁନା ଅସଲ ପୁଞ୍ଜି କଦାପି ନୁହେଁ, ସେମାନଙ୍କର ହାତ, ପାଦ ଏବଂ ବୁଦ୍ଧିରୁ ଉପୁଜୁଥିବା ଶ୍ରମ ହେଉଛି ଅସଲ ପୁଞ୍ଜି । ଥରେ ଶ୍ରମିକମାନଙ୍କର ମଧରେ ସେହି ସଚେତନତା ଆସିଗଲେ, ଉପଲବ୍ଧ ସେହି ଶକ୍ତିଟିକୁ ବ୍ୟବହାର କରିବାଲାଗି ସମର୍ଥ ହେବା ନିମନ୍ତେ ଆଉ ମୋ’ର ଉପସ୍ଥିତ ରହିବା ଆଦୌ ଆବଶ୍ୟକ ହେବନାହିଁ ?

ବହୁ ବ୍ୟକ୍ତି ଏକଥା କହି ମୁଣ୍ଡ ହଲାଇଛନ୍ତି ଯେ, ‘ମାତ୍ର ଆପଣ ସାଧାରଣ ଲୋକସମୂହଙ୍କୁ କଦାପି ଅହିଂସାବ୍ରତର ଶିକ୍ଷା ଦେଇ ପାରିବେନାହିଁ । ଏହା କେବଳ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସମ୍ଭବ ହେବ ଓ ତାହା ମଧ ବିରଳ ବ୍ୟକ୍ତିମାନଙ୍କର ଜୀବନରେ । ମୋ’ ମତରେ ଏହା ହେଉଛି ଏକ ବୃହତ୍ ଆତ୍ମପ୍ରବଞ୍ଚନା । ଯଦି ମନୁଷ୍ୟସମାଜ ଅଭ୍ୟାସଗତଭାବରେ ଅହିଂସ ହୋଇ ନଥାନ୍ତା, ତେବେ ତାହା ଆପଣାକୁ କେଉଁ ଦିନୁ ଧ୍ୱଂସ କରିଦେଇ ସାରିଥାନ୍ତା । ମାତ୍ର, ହିଂସା ଏବଂ ଅହିଂସା ଉଭୟ ଶକ୍ତି ମଧରେ ଲାଗି ଆସିଥିବା ଦ୍ୱନ୍ଦ୍ୱ ଯୁଦ୍ଧରେ, ଦ୍ୱିତୀୟ ଶକ୍ତିଟି ହିଁ ସର୍ବଦା ପରିଶେଷରେ ବିଜୟ ଲାଭ କରି ଆସିଛି ।

ସତ କଥା ହେଉଛି ଯେ, ଏକ ରାଜନୀତିକ ସାଧନ ହିସାବରେ ଲୋକମାନଙ୍କ ଭିତରେ ଅହିଂସାର ପ୍ରସାର କରିବା ବିଷୟରେ ଆମେ ପୂର୍ଣ୍ଣ ହୃଦୟର ସହିତ ନିଜକୁ ନିୟୋଜିତ କରିବା ଲାଗି ଏବଂ ଅପେକ୍ଷା କରିବା ଲାଗି ଆମର କେବେହେଲେ ଯଥେଷ୍ଟ ଧୈର୍ଯ୍ୟ ହୋଇନାହିଁ ।

ମୋ’ ମତରେ ରାଜନୀତିକ କ୍ଷମତା ଆଦୌ ଗୋଟିଏ ଚରମ ସାଧ ନୁହେଁ, ଜୀବନର ଯାବତୀୟ ବିଭାଗରେ ଆପଣାର ଅବସ୍ଥାରେ ଉନ୍ନତି ଘଟାଇବା ନିମନ୍ତେ ଲୋକମାନଙ୍କୁ ସମର୍ଥ କରାଇ ଆଣିବା ଦିଗରେ ତାହା ହେଉଛି ଏକ ଅନ୍ୟତମ ଉପାୟ । ରାଜନୀତିକ କ୍ଷମତାର ଅର୍ଥ ହେଉଛି, ଜାତୀୟ ପ୍ରତିନିଧିମାନଙ୍କର ମାଧମରେ ଜାତୀୟ ଜୀବନକୁ ନିୟମର ଅଧୀନ କରି ରଖିବାର ସାମର୍ଥ୍ୟ । ଯଦି, ଆପଣାର ନିୟମନ ଆପେ କରି ପାରିବା ନିମନ୍ତେ ଜାତୀୟ ଜୀବନ ଯଥେଷ୍ଟ ପରିମାଣରେ ପୂର୍ଣ୍ଣତାଯୁକ୍ତ ହୋଇଯାଏ ତେବେ ଆଉ ପ୍ରତିନିଧିର କୌଣସି ଆବଶ୍ୟକତା ରହିବନାହିଁ । ସେତେବେଳେ ତ ଏକ ପ୍ରବୁଦ୍ଧ ନୈରାଶ୍ୟବାଦ ସମ୍ଭବ ହୋଇଯିବ । ଏହିପରି ଏକ ସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ତା’ର ନିଜ ଶାସକ ହୋଇ ରହିବେ । ନିଜକୁ ପ୍ରତ୍ୟେକ ଏପରି ଭାବରେ ଶାସନ କରି ପାରିବେ ଯେ, ଆପଣାର ପ୍ରତିବେଶୀ ନିମନ୍ତେ କେହି କଦାପି ଏକ ପ୍ରତିବନ୍ଧକ ହୋଇ ଠିଆ ହେବେ ନାହିଁ ।

ତେଣୁ, ଏକ ଆଦର୍ଶ ରାଷ୍ଟ୍ରରେ କୌଣସି ରାଜନୀତିକ କ୍ଷମତା ରହିବ ନାହିଁ । କାରଣ କୌଣସି ରାଷ୍ଟ୍ର ହିଁ ରହିବ ନାହିଁ । ମାତ୍ର ଜୀବନରେ ଆଦର୍ଶର ପୂର୍ବ ଉପଲବ୍ଧି କେବେହେଲେ ହୁଏ ନାହିଁ । ସେଇଥି ଲାଗି, ଥୁରୋ ଏହି ବିଖ୍ୟାତ କଥାଟିକୁ କହି ଯାଇଛନ୍ତି ଯେ, ଯେଉଁ ସରକାର ସବୁଠାରୁ କମ୍ ଶାସନ କରେ, ସେହି ସରକାର ହେଉଛି ସର୍ବୋତ୍ତମ ।

# ସ୍ୱାସ୍ଥ୍ୟ ପାଇଁ ହିତକର କଦଳୀ

**ପା**ଚିଲା କଦଳୀ ବିଶ୍ୱବାସୀଙ୍କର ଏକ ପ୍ରିୟ ଫଳ । ତାହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ସେଥିରେ ପୋଟାସିଅମ୍, ଭିଟାମିନ୍ ସି’ ଓ ଭକ୍ଷଣୀୟ ତନ୍ତୁ ପରି ଅନେକ ପୋଷକତତ୍ତ୍ୱ ଭରି ରହିଛି । ତେଣୁ ତାହାକୁ ଏକ ଉଚ୍ଚମାନର ପୋଷକ ବିକଳ୍ପ ଭାବେ ଗ୍ରହଣ କରାଯାଇଥାଏ । ସେଥିରେ ଥିବା ଉଚ୍ଚସ୍ତରର ଶର୍କରା ଯୋଗୁଁ ତାହା ଏକ ତତ୍କାଳ ଶକ୍ତିବର୍ଦ୍ଧକ ଭାବେ କାମ କରିଥାଏ । ସେଥିରେ ଥିବା ତନ୍ତୁସାରଗୁଡ଼ିକ ଖାଦ୍ୟ ହଜମରେ ସାହାଯ୍ୟ କରିଥାଏ । ସେହିପରି କଦଳୀରେ ଥିବା ପୋଟାସିଅମ୍ ଖଣିଜ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ ।



କଦଳୀରେ ଥିବା ଭିଟାମିନ୍ ସି ଓ ଭିଟାମିନ୍ ଇ ପରି ଆଣ୍ଟିଅକ୍ସିଡାଣ୍ଟ୍ ତ୍ୱଚାକୁ କମନୀୟ ରଖିବାରେ ସାହାଯ୍ୟ କରିଥାଏ । ଚର୍ମ ଉପରେ କଦଳୀର ଏକ ପ୍ରଲେପ ବୋଳିଲେ ତାହା ତ୍ୱଚାକୁ ଆର୍ଦ୍ର ରଖିବା ସହ ଭାଙ୍ଗ ଦାଗ ଦୂର କରିଥାଏ ।

ନିୟମିତ କଦଳୀ ଖାଇଲେ ଦୃଷ୍ଟିଶକ୍ତି ହ୍ରାସ ପ୍ରକ୍ରିୟା ବିଳମ୍ବିତ ହୁଏ । କଦଳୀରେ ଥିବା ପୋଟାସିଅମ୍ ଶରୀରର ରକ୍ତ ଆଦି ତରଳ ପଦାର୍ଥକୁ ସନ୍ତୁଳିତ ରଖି କିଡ୍‌ନି ଷ୍ଟୋନ୍ ଆଶଙ୍କା ଦୂର କରିଥାଏ । କଦଳୀରେ ଥିବା ମଧମ ପରିମାଣର ଲୌହସାର ରକ୍ତରେ ହିମୋଗ୍ଲୋବିନ୍ ସ୍ତର ବଢ଼ାଇଥାଏ । ଲୋହିତ ରକ୍ତ କଣିକା ଉପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଭିଟାମିନ୍ ‘ବି-୬’ ମଧ କଦଳୀରେ ରହିଛି ।

ସାଧାରଣତଃ ଗର୍ଭବତୀମାନେ ସକାଳେ ଉଠିଲା ବେଳେ ମାତ୍ରାଧିକ ଦୁର୍ବଳ ଅନୁଭବ କରିଥା’ନ୍ତି । କଦଳୀ ଖାଇବା ଦ୍ୱାରା ତାହା ଦୂର ହୋଇଥାଏ । କଦଳୀ ମହିଳାମାନଙ୍କର ମାସିକ ଋତୁକାଳୀନ ତଳିପେଟ ଯନ୍ତ୍ରଣା ଦୂର କରିଥାଏ । ଅସ୍ଥି ସ୍ୱାସ୍ଥ୍ୟ ପାଇଁ ଜରୁରି କ୍ୟାଲସିଅମ୍ ପରିମାଣ ଉଲ୍ଲେଖନୀୟ ନ ହେଲେ ବି ତାହା କ୍ୟାଲସିଅମ୍ ଶୋଷଣକୁ ଉତ୍‌ପ୍ରେରିତ କରି ପରୋକ୍ଷରେ ଅସ୍ଥି ସ୍ୱାସ୍ଥ୍ୟରେ ସହାୟକ ହୋଇଥାଏ ।

କଦଳୀରେ ଥିବା ଭିଟାମିନ ‘ବି-୬’ ଓ ମ୍ୟାଗ୍ନେସିଅମ ଖଣିଜସାର ଆମର ସ୍ନାୟବିକ ସ୍ୱାସ୍ଥ୍ୟ ବଜାୟ ରଖିବା ସହ ଜ୍ଞାନାତ୍ମକ କ୍ରିୟାକୁ ମଧ ସୁଗମ କରିଥାଏ ।

# ସ୍ୱର୍ବେଦ

**ଧନମଦ ବଳମଦ ଜାତିମତ,**
**ୱିଦ୍ୟାମଦ ସବ ତ୍ୟାଗ ।**
**ତବ ମାନଓ୍ୱ ଜୀଓ୍ୱନ ବନେ, ସନ୍ତ**
**ଚରଣ ଅନୁରାଗ ॥୨୨॥**

ଭାଷ୍ୟ - ଧନ, ବଳ, ବର୍ଣ୍ଣ ଆଉ ବିଦ୍ୟାର ସମସ୍ତ ଅଭିମାନକୁ ତ୍ୟାଗକରି ଯେତେବେଳେ ସନ୍ଥ ଶ୍ରୀଗୁରୁ ଚରଣାନୁରାଗୀ ହୋଇଯାଏ, ସେତେବେଳେ ମାନବ ଜୀବନର ନିର୍ମାଣ ହୋଇଥାଏ ।




**ମଦୀ ବୋଧ ହୋଓ୍ୱେ ନହୀଁ, ନ**
**ସରଳ ସ୍ୱଭାଓ୍ୱ ।**
**ମଦୀ ଶାନ୍ତି ସୁଖ ନହିଁ ମିଲେ, ମଦ**
**ଅନ୍ଧା ବହକାଓ୍ୱ ॥୨୩॥**

ଭାଷ୍ୟ - ଅଭିମାନୀକୁ କେବେହେଲେ ଜ୍ଞାନ ହୋଇ ନ ଥାଏ ଆଉ ସରଳ ସ୍ୱଭାବ ନ ହେବା କାରଣରୁ ତା ଦେହରେ ଆଧ୍ୟାତ୍ମ ଜ୍ଞାନର ସମାବେଶ ହୋଇ ନ ଥାଏ । ସେ ସୁଖ ଶାନ୍ତିରହିତ ହୋଇ ନିଜ ବୃଥାଭିମାନ ଯୋଗୁଁ ଅନ୍ଧକାର ଭିତରେ ବୃଥା ବିଚରଣ କରିବାରେ ଲାଗେ ।

**ମାୟା ତଜି ଜଙ୍ଗଲ ଗୟେ, ମାନ**
**ରାଗ ସଙ୍ଗ ଲାଗ ।**
**ମାନ ବଡ଼ାଈ କାରଣୋ, ହୋୟ**
**ନ ଭଜନ ଅଭାଗ ॥୨୪॥**

ଭାଷ୍ୟ - ଅଭିମାନୀ ଘରଦ୍ୱାର ଛାଡ଼ି ଜଙ୍ଗଲକୁ ଚାଲିଯିବା ପରେ ସୁଦ୍ଧା ମାନ ଏବଂ ପ୍ରତିଷ୍ଠାର ଇଚ୍ଛା ଲାଗି ରହିଥାଏ । ସେଥିପାଇଁ ସେହି ଅଭିମାନୀ ଆଉ ଗୃହତ୍ୟାଗୀ ଅଭାଗା ଭଜନ କରିପାରେ ନାହିଁ ।

**ମାନ ବଡ଼ାଈ କାରଣୋ, ଜଗତ**
**ସେ ସଂଗତି କୀନ ।**
**ଉଠି ବୈଠି ବତକୁଟ କରେ,**
**ଅଧମ ମହା ମତିହୀନ ॥୨୫॥**

ଭାଷ୍ୟ - ମାନ ଏବଂ ପ୍ରତିଷ୍ଠା ଇଚ୍ଛୁକ ଅଧମ ଏବଂ ବୁଦ୍ଧିହୀନ ଜନ ସର୍ବଦା ସଂସାରୀ ମନୁଷ୍ୟ ସହିତ କଥାବାର୍ତ୍ତା କରି ସେମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିଥାନ୍ତି । ସଂସାର ମନୁଷ୍ୟମାନଙ୍କର ସମ୍ବନ୍ଧ ତ୍ୟାଗୀ ପ୍ରଭୁଭକ୍ତମାନଙ୍କ ନିମନ୍ତେ ଅଶାନ୍ତିକାରକ ହୋଇଥାଏ ।

**ନିଜ ମୁଖ ଗୁରୁ ନିନ୍ଦା କରେ,**
**ଆପନ ଚାହତ ମାନ ।**
**ଜନ୍ମ ଜନ୍ମ ୟୋନିନ ଫିରେ, ଗତି**
**ଶୂକର ଅରୁ ଶ୍ୱାନ ॥୨୬॥**

ଭାଷ୍ୟ - କ୍ରୋଧୀ ବ୍ୟକ୍ତି ନିଜ ମୁଖରେ ଗୁରୁଙ୍କର ନିନ୍ଦା କରନ୍ତି ଓ ଗୁରୁ ଅପେକ୍ଷା ନିଜର ପ୍ରତିଷ୍ଠା ରଖିବା ପାଇଁ ଚାହାନ୍ତି । ସେମାନେ ଜନ୍ମ ଜନ୍ମାନ୍ତର ଯାଏଁ ଶ୍ୱାନ ଶୂକର ଯୋନି ପ୍ରାପ୍ତକରି ବୃଥା ଭ୍ରମୁଥାନ୍ତି ।

**ଲପ୍ପୋ ଚପ୍ପୋ କରତ ହୈ,**
**ଜୀଓ୍ୱନ ମନସୁଓ୍ୱା ଭାଓ୍ୱ ।**
**ମାନ ବଡ଼ାଈ କାରଣେ, ଗୁରୁ ସନ**
**ଭୟା ଦୁରାଓ୍ୱ ॥୨୭॥**

ଭାଷ୍ୟ - ସେହି ଚରିତ୍ରହୀନ ସ୍ତୈଣ ପ୍ରକୃତିର ବ୍ୟକ୍ତି ମନଲୋଭା କଥା କହି ଅନ୍ୟମାନଙ୍କୁ ନିଜର ଫାଶରେ ପକାଇ ନିଜର ମାନ ଏବଂ ବଡ଼ିମା ହେତୁ ଗୁରୁ ସ୍ଥାନରୁ ସମ୍ବନ୍ଧରହିତ ହୋଇ ବିଚ୍ୟୁତ ହୋଇଯାଆନ୍ତି । ଏହା ନିଜର ମାନ ଏବଂ ବଡ଼ିମା ଚାହୁଁଥିବା ପୁରୁଷମାନଙ୍କର ବ୍ୟବହାର ଅଟେ ।

**ମାନ ବଦ୍ଧ ଜଗ ମେଁ କରେ, ସାଧୂ**
**ଚାହ ନ ମାନ ।**
**ଜିଓ୍ୱନ ମୃତକ ହରି କୋ ଭଜେ,**
**ଜଗ ସେ ରହେ ଅମାନ ॥୨୮॥**

ଭାଷ୍ୟ - ମାନ ଏବଂ ପ୍ରତିଷ୍ଠା ସଂସାରର ବନ୍ଧନ ଅଟେ । ସେଥିପାଇଁ ବୀତରାଗୀ ପୁରୁଷ ପ୍ରତିଷ୍ଠା ଇଚ୍ଛା କରନ୍ତି ନାହିଁ । ଜଗତରୁ ସମସ୍ତ ପ୍ରତିଷ୍ଠାକୁ ତ୍ୟାଗକରି ଜୀବନ୍ମୁକ୍ତ ହୋଇ ପରମପ୍ରଭୁଙ୍କର ଭଜନ କରିଥାନ୍ତି ।

**ବାହର ଭୀତର ଦୋୟ ହୈ,**
**କପଟ ଛିଦ୍ର ଛଲ ଜାନ ।**
**କପଟୀ ଦୁର୍ଜନ ମାନଓ୍ୱା, ପରେ**
**ନରକ ଦୁଖ ଖାନ ॥୨୯॥**

ଭାଷ୍ୟ - କପଟୀ ଏବଂ ଦୁର୍ଜନ ମନୁଷ୍ୟ ବାହାର ଭିତରେ ଦୁଇ ପ୍ରକାରରେ ରହିଥାନ୍ତି ଆଉ ସେମାନଙ୍କଠାରେ ଛନ୍ଦ, କପଟ ଆଉ ଛିଦ୍ରାଦି ଦୋଷ ଭରି ରହିଥାଏ । ସେମାନେ ନିଜର ଦୁର୍ଗୁଣ ଯୋଗୁଁ ଯାବତୀୟ ଦୁଃଖ ପାଇ ସେମାନଙ୍କର ଅଧୋପତନ ହୋଇଥାଏ ।

**ଦୁର୍ଜନ ଦର୍ପଣ ଏକ ସମ,**
**ଦୋନୌଁ ଏକ ସ୍ୱଭାଓ୍ୱ ।**
**ଆଗେ ପୀଛେ ଦୋ ରହେ, କପଟୀ**
**କୁଟିଲ କୁଭାଓ୍ୱ ॥୩୦॥**

ଭାଷ୍ୟ - ଦୁର୍ଜନ ଆଉ ଦର୍ପଣର ସ୍ୱରୂପ ଏକ ସମାନ ଅଟେ । ଦର୍ପଣକୁ ସମ୍ମୁଖରୁ ଦେଖିଲେ ନିଜର ମୁହଁ ଦେଖାଯାଏ, ମାତ୍ର ପଛରୁ ଦେଖିଲେ କିଛି ଦେଖାଯାଏ ନାହିଁ । ସେହି ପ୍ରକାର ଦୁର୍ଜନ ମନୁଷ୍ୟ ମୁଖରେ ଗୋଟିଏ ଆଉ ହୃଦୟରେ ଗୋଟିଏ ଏହିପରି ଦୁଇ ପ୍ରକାରର ସ୍ୱଭାବ ରଖିଥାନ୍ତି - ଏହା କପଟୀ, କୁଟିଳ ଏବଂ ଦୁଷ୍ଟଚରିତ୍ର ସ୍ୱଭାବ ବ୍ୟକ୍ତିର ଲକ୍ଷଣ ଅଟେ ।

# ସ୍ୱାସ୍ଥ୍ୟବର୍ଦ୍ଧକ ମହୁ

ମହୁର ସ୍ୱାଦ କାହାକୁ ଭଲ ନ ଲାଗେ । ପିଲାଠୁ ବୁଢ଼ା ସମସ୍ତଙ୍କର ଏହା ପ୍ରିୟ । ସ୍ୱାଦ ଯେମିତି, ଗୁଣ ବି ସେମିତି । ଆୟୁର୍ବେଦ ଅନୁସାରେ ଏହା ଅମୃତତୁଲ୍ୟ । ଏହା ରୋଗ ପ୍ରତିରୋଧକ ଏବଂ ସ୍ୱାସ୍ଥ୍ୟବର୍ଦ୍ଧକ । ଏହାର ନିୟମିତ ସେବନ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ ।



ଓଜନ କମାଇବାରେ ଏହା ଅମୋଘ ଅସ୍ତ୍ର । ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଚାମଚ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ ।

ସର୍ଦ୍ଦି ଓ କାଶ ହେଉଥିଲେ ଦୁଇ ଚାମଚ ମହୁ ସହ ଦୁଇ ଚାମଚ କ୍ଷୀର ପିଅନ୍ତୁ ।

ଶର୍କରା ହ୍ରାସ କରିବା ପାଇଁ ମଧୁମେହ ରୋଗୀ ମଧ ଏହାକୁ ବ୍ୟବହାର କରିପାରିବେ । ଗୋଟିଏ ଚାମଚ ମହୁ ସହିତ ୩ ଚାମଚ ତୁଳସୀ, ଲିମ୍ବପତ୍ର ରସ ଓ ଦହି ମିଶାଇ ସକାଳେ ଖାଲି ପେଟରେ ପିଇଲେ ଶର୍କରା ହ୍ରାସ ପାଏ ।

ମହୁ କଟା ଓ ପୋଡା ଘା' ପାଇଁ ମଧ ହିତକର । ପ୍ରଥମେ ଉକ୍ତ ସ୍ଥାନକୁ ସଫା ପାଣିରେ ଭଲକରି ଧୋଇ ଦିଅନ୍ତୁ । କିଛି ମହୁ ନେଇ ସେଠାରେ ଲଗାଇ ତା' ଉପରେ ଖଣ୍ଡିଏ ସଫା କନା ଭଲକରି ବାନ୍ଧି ଦିଅନ୍ତୁ । ୫/୬ ଘଣ୍ଟା ପରେ ପୁଣି ସେମିତି କରନ୍ତୁ । ଏହିପରି ୪/୫ ଥର କରନ୍ତୁ । ଉପଶମ ମିଳିବ ।

ଜୁଆଣି ରସ ସହ ମହୁ ପିଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୁଏ । ମହୁ ସହିତ ପିଆଜ ରସ ପିଇଲେ କୋଲେଷ୍ଟରଲ ନିୟନ୍ତ୍ରିତ ହୁଏ ।

ରକ୍ତହୀନତା ଭୋଗୁଥିବା ରୋଗୀ ନିୟମିତ ମହୁ ସେବନ କରିବା ଉଚିତ । ଏକ ଚାମଚ ମହୁ ଓ ୩ ଚାମଚ ଦହି ନିୟମିତ ପିଇଲେ ଶାରୀରିକ ଦୁର୍ବଳତା ଦୂର ହୁଏ ।

# ପୁନର୍ଜନ୍ମର ସିଦ୍ଧାନ୍ତ

ଭାରତୀୟ ସଂସ୍କୃତିରେ ପୁନର୍ଜନ୍ମର ସ୍ପଷ୍ଟ ଅବଧାରଣା ରହିଛି । ଭାରତୀୟ ସଂସ୍କୃତିର ପ୍ରମୁଖ ଗ୍ରନ୍ଥଗୁଡିକ ମଧ୍ୟରୁ ଗୋଟିଏ ଶ୍ରୀମଦ୍ ଭଗବଦ୍‌ଗୀତାରେ ପୁନର୍ଜନ୍ମର ମାନ୍ୟତା ଓ ଅବଧାରଣାକୁ ସ୍ପଷ୍ଟ କରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି –

ନ ହେବାହଂ ଜାତୁ ନାସଂ ନ ତଂ ନେମେ ଜନାଧିପାଃ ।

ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ।।-ଗୀତା ୨.୧୨

ଅର୍ଥାତ୍– ହେ ଅର୍ଜୁନ ! କୌଣସି କାଳରେ ମୁଁ ନ ଥିଲି, ଏପରି କଥା ନୁହେଁ, ତୁମେ ନଥିଲ ଅଥବା ଏହି ରାଜା ଲୋକେ ନ ଥିଲେ ଏବଂ ଆଗକୁ ଭବିଷ୍ୟତରେ ଆମେ ସବୁ ଯେ ରହିବା ନାହିଁ, ଏପରି କଥା ମଧ ନୁହେଁ ।

ଭଗବାନ ଶ୍ରୀକୃଷ୍ଣ କହିଛନ୍ତି – ଯେମିତି ଜୀବାତ୍ମାର ଏହି ଶରୀରରେ ବାଲ୍ୟାବସ୍ଥା, ଯୁବାବସ୍ଥା ଓ ବୃଦ୍ଧାବସ୍ଥା ହୋଇଥାଏ, ଠିକ୍ ସେମିତି ହିଁ ଅନ୍ୟ ଶରୀରର ପ୍ରାପ୍ତି ହୋଇଥାଏ ।

ଭଗବାନ ଶ୍ରୀକୃଷ୍ଣ ପୁଣି କହିଛନ୍ତି- ଯେମିତି ମନୁଷ୍ୟ ପୁରୁଣା ବସ୍ତ୍ରକୁ ତ୍ୟାଗ କରି ନୂତନ ବସ୍ତ୍ରକୁ ଧାରଣ କରିଥାଏ, ସେମିତି ହିଁ ଜୀବାତ୍ମା ପୁରୁଣା ଶରୀରକୁ ତ୍ୟାଗ କରି ଦୁସ୍ରା ନୂତନ ଶରୀରକୁ ପ୍ରାପ୍ତ ହୋଇଥାଏ ।

ପୁନର୍ଜନ୍ମ କାହିଁକି ଓ କିପରି ହୋଇଥାଏ ? କ'ଣ ଜୀବନ-ମରଣର କୌଣସି ଅନ୍ତ ନାହିଁ ? ଏପରି ସହଜ ପ୍ରଶ୍ନ ଆମ ମନରେ ଉଠିଥାଏ । ପୁନର୍ଜନ୍ମର ଅର୍ଥ ହେଉଛି ପୁନଃ ପୁନଃ ଜନ୍ମଗ୍ରହଣ କରିବା । ପ୍ରକୃତରେ ପୁନର୍ଜନ୍ମର ଅବଧାରଣା କର୍ମଫଳ ସିଦ୍ଧାନ୍ତ ତଥା ଆତ୍ମାର ଅମରତା ସହିତ ହିଁ ପ୍ରସ୍ଫୁଟିତ ହୋଇଛି । ଜୀବାତ୍ମାକୁ ନିଜ କର୍ମଗୁଡିକର ଫଳ ଭୋଗିବା ପାଇଁ ମୃତ୍ୟୁ ଉପରାନ୍ତ ପୁନଃ ପୁନଃ ନୂତନ ଶରୀର ଧାରଣ କରିବାକୁ ପଡିଥାଏ । ଜୀବାତ୍ମାର କର୍ମଗୁଡିକର ଭୋଗ ଯେପର୍ଯ୍ୟନ୍ତ ପୂର୍ଣ୍ଣ ହୋଇ ନାହିଁ, ସେପର୍ଯ୍ୟନ୍ତ ତାକୁ ନୂତନ ଶରୀର ଧାରଣ କରିବାକୁ ହିଁ ପଡିଥାଏ । କର୍ମଗୁଡିକର ଫଳ ଯେବେ ଗୋଟିଏ ହିଁ ଜନ୍ମରେ ଭୋଗ କରିବା ସମ୍ଭବ ହୋଇପାରେ ନାହିଁ ଅଥବା କର୍ମଗୁଡିକର ଫଳ ଭୋଗ ଯେବେ ଗୋଟିଏ ଜନ୍ମରେ ପୂରା ହୋଇପାରେ ନାହିଁ, ତେବେ ଅବଶିଷ୍ଟ କର୍ମଗୁଡିକର ଫଳ ଭୋଗିବା ପାଇଁ ଜୀବାତ୍ମାକୁ ପୁନଃ ଜନ୍ମ ନେବାକୁ ପଡିଥାଏ ଏବଂ ଏହି ପ୍ରକାର ଜନ୍ମ-ମରଣର ଏହି କର୍ମ ସେପର୍ଯ୍ୟନ୍ତ ଚାଲୁଥାଏ, ଯେପର୍ଯ୍ୟନ୍ତ ଜୀବାତ୍ମାକୁ ମୋକ୍ଷ ପ୍ରାପ୍ତି ହୋଇ ନଥାଏ ।

ମୋକ୍ଷ ପ୍ରାପ୍ତିର ଅର୍ଥ ହେଉଛି ଜୀବାତ୍ମା ସବୁ ପ୍ରକାର କର୍ମ ବନ୍ଧନରୁ ମୁକ୍ତ ହୋଇଯିବା । ଜୀବାତ୍ମା ଶୁଭ-ଅଶୁଭ, ପାପ-ପୁଣ୍ୟ, ଭଲ-ମନ୍ଦ ଆଦି ସବୁ ପ୍ରକାରର କର୍ମ – ସଂସ୍କାରର ବନ୍ଧନରୁ ମୁକ୍ତ ହୋଇଯିବା ।

ପୁନର୍ଜନ୍ମର ସିଦ୍ଧାନ୍ତ ଆତ୍ମାର ଅମରତା ସହିତ ଫଳିତ ହୋଇଥାଏ । ଆତ୍ମା ନିତ୍ୟ ଓ ଅବିନାଶୀ ହେବା କାରଣରୁ ଗୋଟିଏ ଶରୀରରୁ ମୃତ୍ୟୁ ପରେ ଅନ୍ୟ ଶରୀରରେ ପ୍ରବେଶ କରିଥାଏ ଅଥବା ଏମିତି କହି ପାରିବା ଯେ ଶରୀରର ମୃତ୍ୟୁ ପରେ ପୁନଃ ନୂତନ ଶରୀର ଧାରଣ କରିଥାଏ ।

ମୃତ୍ୟୁର ଅର୍ଥ ଶରୀରର ଅନ୍ତ, ଆତ୍ମାର ନୁହେଁ । ଏହି ପ୍ରକାର ଶରୀରର ମୃତ୍ୟୁ ପରେ ଆତ୍ମା ପୁନଃ ଅନ୍ୟ ଶରୀରକୁ ଧାରଣ କରିବା ହିଁ ପୁନର୍ଜନ୍ମ । ଜୀବାତ୍ମା ବିଷୟରେ ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ ଲେଖିଛନ୍ତି –

ଜୀବ, ଈଶ୍ୱରଙ୍କ ଅଂଶ । ଅତଏବ ସେ ଅବିନାଶୀ, ଚେତନ, ଅମଳ ଓ ସ୍ୱଭାବରେ ହିଁ ସୁଖର ରାଶି । ଜୀବାତ୍ମା ନିଃସନ୍ଦେହ ଈଶ୍ୱରଙ୍କ ଅଂଶ । ଶରୀରରେ ବାସ କରୁଥିବା ଆତ୍ମା ଈଶ୍ୱରଙ୍କ ଅଂଶବିଶେଷ, କିନ୍ତୁ ସାଂସାରିକ ବିଷୟଗୁଡିକ ପ୍ରତି ଆସକ୍ତିର ଭାବନା ରଖିବା କାରଣରୁ ସେ ବନ୍ଧନଗ୍ରସ୍ତ ହୋଇଯାଏ ତଥା ତାକୁ ବିଭିନ୍ନ ଯୋନିରେ, ବିଭିନ୍ନ ଶରୀରରେ ଭ୍ରମିବାକୁ ପଡିଥାଏ, ପରନ୍ତୁ ଯେମିତି ହିଁ ଆତ୍ମାକୁ ବିଦିତ ହୋଇଯାଏ ଯେ ମୁଁ ଈଶ୍ୱରଙ୍କ ଅଂଶ ଅର୍ଥାତ୍ ମୁଁ ଈଶ୍ୱରଙ୍କ ଠାରୁ ଅଭିନ୍ନ ସେମିତି ହିଁ ସେ ନିଜର ବାସ୍ତବିକ ସତ୍-ଚିତ୍—ଆନନ୍ଦ ସ୍ୱରୂପକୁ ଚିହ୍ନିଯାଏ ଏବଂ ନିଜର ବାସ୍ତବିକ ସ୍ୱରୂପରେ ସ୍ଥିତ ହୋଇଯାଏ । ଏହା ହିଁ ମୋକ୍ଷର ଅବସ୍ଥା । ଏହି ଅବସ୍ଥାକୁ ପ୍ରାପ୍ତ କରିନେବା ପରେ ଜୀବାତ୍ମାକୁ ପୁନଃ ଜନ୍ମ ଧାରଣ କରିବାକୁ ପଡି ନଥାଏ । ସେ ଜନ୍ମ-ମରଣର ବନ୍ଧନରୁ ମୁକ୍ତ ହୋଇଯାଏ ।

ଏହି ପ୍ରକାର ମୋକ୍ଷପ୍ରାପ୍ତି ପୂର୍ବରୁ ଜୀବାତ୍ମାର ପୁନର୍ଜନ୍ମ ହୋଇଥାଏ, ଏକଥା ସ୍ପଷ୍ଟ । ଜୀବାତ୍ମାକୁ ନିଜର ଭଲ- ମନ୍ଦ, ଶୁଭ-ଅଶୁଭ, ପାପ-ପୁଣ୍ୟ କର୍ମଗୁଡିକର ଫଳ ସ୍ୱରୂପ ବୃକ୍ଷଲତା, ପଶୁପକ୍ଷୀ, କୀଟ-ପତଙ୍ଗ, ମନୁଷ୍ୟ ଆଦି ବିଭିନ୍ନ ପ୍ରକାର ଯୋନିରେ ବିଚରଣ କରିବାକୁ ପଡ଼ିଥାଏ ।

ଏଣୁ ପୁନର୍ଜନ୍ମର ସ୍ପଷ୍ଟ ସନ୍ଦେଶ ହେଲା, ମନୁଷ୍ୟକୁ ସର୍ବଦା ଖରାପ କର୍ମ, ପାପକର୍ମଠାରୁ ଦୂରେଇ ରହିବା ଉଚିତ ଏବଂ ପୁଣ୍ୟକର୍ମ, ଶୁଭକର୍ମ ମଧ ଆସକ୍ତି ରହିତ ହୋଇ କରିବା ଉଚିତ । ଅର୍ଥାତ୍ ସୁଖ ପ୍ରତି ମଧ ଆସକ୍ତି ରଖିବା ଅନୁଚିତ ; କାରଣ ଆସକ୍ତି ଶୁଭ ପ୍ରତି ହେଉ ଅଥବା ଅଶୁଭ ପ୍ରତି, ପାପ ପ୍ରତି ହେଉ ବା ପୁଣ୍ୟ ପ୍ରତି, ଉଭୟ ସ୍ଥିତିରେ ଆସକ୍ତି ଜୀବାତ୍ମା ପାଇଁ ବନ୍ଧନ ହିଁ ହୋଇଥାଏ ଏବଂ ତା'ର ପୁନର୍ଜନ୍ମର ହେତୁ ହୋଇଥାଏ । ତେଣୁ ଏହି ବନ୍ଧନରୁ ମୁକ୍ତ ହେବା ପାଇଁ ଆତ୍ମାକୁ ସଦାସର୍ବଦା ଆସକ୍ତି ରହିତ ହୋଇ ହିଁ ପ୍ରତ୍ୟେକ କର୍ମ କରିବା ଉଚିତ ।

## ଟିକିଏ ହସନ୍ତୁ

ଶିକ୍ଷକ ପିଣ୍ଟୁକୁ : ଟେବଲ୍ କେ ଉପର ଚାୟ୍ କିସ୍‌ନେ ଗିରାୟା ? ଏହାକୁ ନିଜ ମାତୃଭାଷାରେ କହିଲ ।
ପିଣ୍ଟୁ : ସାର୍, ମାତୃଭାଷାର ଅର୍ଥ କ'ଣ ?
ଶିକ୍ଷକ : ମା'ଙ୍କ ଭାଷା ।
ପିଣ୍ଟୁ : ଓଃ, କହୁଛି- ଆରେ ମୂର୍ଖ, ଗଧ ଇଏ କ'ଣ କଲୁ ? ଚୁପ୍ ଚାପ୍ ୟା'କୁ ସଫା କର ? ଭଲରେ ନ କଲେ ପିଠି ଫଟେଇ ଦେବି ।

× × × × ×

ସିଲା ଓକିଲଙ୍କୁ : ମୁଁ ମୋ ପୂର୍ବ ସ୍ୱାମୀଙ୍କ ସହ ଆଉଥରେ ବିବାହ କରିବାକୁ ଚାହୁଁଛି ।
ଓକିଲ : ଏଇ ଆଠଦିନ ପୂର୍ବେ ତ ଆପଣ ଛାଡ଼ପତ୍ର ନେଇଥିଲେ । ପୁଣିଥରେ କାହିଁକି ବିବାହ କରିବେ ?
ସିଲା : ମୁଁ ଦେଖୁଛି ଛାଡ଼ପତ୍ର ପରେ ସେ ବହୁତ ଖୁସିରେ ଅଛନ୍ତି । ଯୋଉଟା କି ମୁଁ ଆଦୌ ସହିପାରୁନି ।

× × × ×

ଶିକ୍ଷକ : କହିଲ ପିଲେ, କଣ୍ଟକିତ ରାସ୍ତାରେ ତୁମର ସାଥ୍ କିଏ ଦେବ ? ବାପା, ମା, ଭାଇ, ଭଉଣୀ, ସ୍ତ୍ରୀ ନା ପିଲା ?
ପପୁ : ସାର୍, ମୁଁ କହିବି ।
ଶିକ୍ଷକ : ହଉ କହ ।
ପପୁ : ସାର୍ ଏମାନଙ୍କ ଭିତରୁ କେହି ନୁହେଁ, କେବଳ ଚପଲ ସାଥ୍ ଦେବ ।



× × × ×

ପପୁ ମୋନୁକୁ : କହିଲୁ ଦେଖି ମଶା ବଡ଼ ହେଲେ କ'ଣ ହେବ ?
ମୋନୁ : ଜାଣିପାରୁନି କ'ଣ ହେବ ।
ପପୁ : ଆରେ ବୋପା ସେ ହାତୀ ହେବ ।
ମୋନୁ : କେମିତି ?
ପପୁ : ମଶାର ଶୁଣ୍ଢ ଅଛି, ହାତୀର ବି ।
ତା' ମାନେ ମଶା ବଡ଼ ହେଇ ହାତୀ ହେଉଛି ନା ।

× × × × ×

ରାସ୍ତାରେ ଆକ୍ସିଡେଣ୍ଟ ହୋଇ ଏକ ସ୍ଥାନରେ ବହୁତ ଗହଳି ହୋଇଥାଏ ।
ଏହା ଦେଖି ରାଜୁ : ଦେଖିବା କାହାର ଆକ୍ସିଡେଣ୍ଟ ହେଇଛି ।
ଗହଳି ଭିତରେ ଯେତେ ଚେଷ୍ଟା କଲେ ବି ରାଜୁ ପଶି ପାରିଲା ନାହିଁ ।
ଶେଷରେ ଏକ ପ୍ଲାନ କରି କହିଲା : ଦୟା କରି ମତେ ଭିତରକୁ ଯିବାକୁ ଦିଅ । ଯାହାର ଆକ୍ସିଡେଣ୍ଟ ହେଇଛି ସେ ମୋ ପୁଅ ।
ଭିତରକୁ ପଶିବା ପରେ ଦେଖିଲା : ଏକ ଗଧ ମରି ପଡିଛି ।

# ଅଳସୀର ଉପକାରିତା

ଅଳସୀକୁ ଆମେ ଫ୍ଲାକ୍ସ ସିଡ୍ସ ବା ଫେସି ବୋଲି କହିଥାଉ । ଅଳସୀ ଏମିତି ଏକ ଖାଦ୍ୟ ପଦାର୍ଥ ଯାହାକୁ ବିଭିନ୍ନ ପ୍ରକାରେ ଖୁଆ ଯାଇ ପାରେ । ଅଳସୀ ମଞ୍ଜି ଏବଂ ପାଉଡରରେ ବହୁ ଔଷଧୀୟ ଗୁଣ ରହିଛି ଯାହା ବହୁ ରୋଗରୁ ରକ୍ଷା କରିଥାଏ । ତାଛଡ଼ା ଅଳସୀ ଗଛକୁ ମଧ ଜଡି ବୁଟି ପ୍ରସ୍ତୁତିରେ ବ୍ୟବହାର କରାଯାଏ ।

ଅଳସୀରେ ବହୁ ଔଷଧୀୟ ତତ୍ତ୍ୱ ରହିଛି । ଏଥିରେ ରହିଛି ଓମେଗା ୩ ଫ୍ୟାଟି ଏସିଡ, ଭିଟାମିନ୍ ବି ୧, ପ୍ରୋଟିନ୍, ଫାଇବର, ମ୍ୟାଗ୍ନେସିୟମ୍, ମାଙ୍ଗାନିଜ, ଫସଫରସ, ସେଲେନିୟମ୍, ଆଇରନ ଇତ୍ୟାଦି ।

ଯେହେତୁ ଏଥିରେ ପ୍ରଚୁର ପରିମାଣର ଓମେଗା ୩ ଫ୍ୟାଟି ଏସିଡ ରହିଛି ଏହା ଆମ ଶରୀରର ଇମ୍ୟୁନି ସିଷ୍ଟମକୁ ମଜବୁତ କରିଥାଏ ଏବଂ ବହୁ ରୋଗରୁ ମଧ ଆମକୁ ରକ୍ଷା କରିଥାଏ ।

ଖାଲି ପେଟରେ ଅଳସୀ ଖାଇଲେ ପେଟ ସଫା ହୋଇଥାଏ ଏବଂ ପାଚନ ତନ୍ତ୍ର ମଜବୁତ ହୋଇଥାଏ ।

ଗୋଟିଏ ଚାମଚ ଅଳସୀରେ ରହିଛି ୫୫ କ୍ୟାଲୋରୀ, ୩ ଗ୍ରାମ ଫାଇବର, ୨ ଗ୍ରାମ ପ୍ରୋଟିନ୍, ୩ ଗ୍ରାମ କାର୍ବୋହାଇଡ୍ରେଟ୍, ୪୦ ମିଲିଗ୍ରାମ ମ୍ୟାଗ୍ନେସିୟମ, ୦.୩ ମିଲିଗ୍ରାମ ମାଙ୍ଗାନିଜ, ୬୫ ମିଲିଗ୍ରାମ ଫସଫରସ, ୦.୧ ମିଲିଗ୍ରାମ କପର, ୦.୨ ମିଲିଗ୍ରାମ ଥିୟାମିନ/ ଭିଟାମିନ୍ ବି-୧, ୩ ମିଲିଗ୍ରାମ ସେଲେନିୟମ ।

ଅଳସୀରେ ମଧ ପର୍ଯ୍ୟାପ୍ତ ମାତ୍ରାରେ ଭିଟାମିନ୍ ବି-୬ ଆଇରନ, ପୋଟାସିୟମ ଏବଂ ଜିଙ୍କ ରହିଛି । ଏଥିରୁ ଅନୁମାନ କରନ୍ତୁ ଅଳସୀ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ।

ଏଥିରେ ହାଇ ଫାଇବର ଏବଂ ଲୋ କାର୍ବୋହାଇଡ୍ରେଟ ରହିଥିବା ଯୋଗୁଁ ଏହା ଓଜନ କମ୍ କରିଥାଏ ।

ଅଧିକ ଫାଇବର ଯୋଗୁଁ ତ୍ୱଚା ସଫ୍ଟ ରହିବା ସହିତ ସୌନ୍ଦର୍ଯ୍ୟ ମଧ ବଜାୟ ରହିଥାଏ । ଅଳସୀ ନିୟମିତ ଖାଇବା ଯୋଗୁଁ ଖରାପ କୋଲେଷ୍ଟେରଲ କମ୍ ହୋଇ ଯାଇଥାଏ । ଏହାକୁ ନିୟମିତ ଖାଇଲେ ପେଟ ପୁରିଲା ପୁରିଲା



ଲାଗେ । ଅଧିକ ଖାଇବାକୁ ଇଚ୍ଛା ହୁଏନି । ଏଥିରେ ଓମେଗା ୩ ଫ୍ୟାଟି ଏସିଡ ରହିଥିବାରୁ ଏହା ହାର୍ଟବିଟକୁ ନର୍ମାଲ ରଖିବାରେ ସାହାଯ୍ୟ କରିଥାଏ । ଏହା ହୃଦୟର ଧମନୀରେ ଜମିଥିବା କୋଲେଷ୍ଟୋରଲକୁ ବାହାରକୁ ବାହାର କରିଦେଇଥାଏ, ଯାହାଦ୍ୱାରା ବ୍ଲଡ ସର୍କୁଲେସନ ବହୁତ ଭଲ ହୋଇଥାଏ । ଏହାଦ୍ୱାରା ହାର୍ଟ ଆଟାକର ସମ୍ଭାବନା ମଧ କମ୍ ହୋଇଥାଏ । ୨୦୧୦ ରେ ହୋଇଥିବା ଏକ ଅଧ୍ୟୟନ ଅନୁସାରେ , ଯଦି ପ୍ରତିଦିନ ୧୦୦ ମିଲିଗ୍ରାମ ଅଳସୀ ଖିଆଯାଏ ବ୍ଲଡ ସର୍କୁଲେସନ ଲେବଲ କମ୍ ହୋଇଥାଏ ଏବଂ ବଡିରୁ ଫ୍ୟାଟ ଅଂଶକୁ ସଫା କରି ଦେଇଥାଏ । ଏହା ହୃଦ ସମ୍ବନ୍ଧୀୟ ସବୁ ପ୍ରକାର ରୋଗ ଭଲ କରି ଦେଇଥାଏ ।

ଅଳସୀ ଯାବତୀୟ ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହା ଡାଇରିଆ କୋଷ୍ଠକାଠିନ୍ୟ, ପେଟ ଫୁଲିବା ଆଦି ସମସ୍ୟାରୁ ରକ୍ଷା କରିଥାଏ ।

ଡାଇରିଆ ତଥା ପେଟ ଖରାପ ସମୟରେ ସଠିକ୍ ମାତ୍ରାରେ ଅଳସୀ ଖାଇବା ଉଚିତ । ଯଦି ଏହାର ମାତ୍ରା ବଢ଼ିଯାଏ ତ ଏହା ପେଟକୁ ଅଧିକ ଖରାପ କରି ଦେଇପାରେ ।

ଅଧିକ ଅଳସୀ ଖାଇଲେ ମଧ ଲୋକଙ୍କର ଆଲର୍ଜୀ ହେଉଥିବା ଅଭିଯୋଗ ହୁଏ । ଅଧିକ ଅଳସୀ ଖାଇଲେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଥିବାର ମଧ ଅଭିଯୋଗ ହୁଏ । ଏକଥା ମଧ ସତ୍ୟ ଯେ ଏହା ବି.ପି ଲୋ କରି ଦେଇଥାଏ ।

ଅଧିକ ଅଳସୀ ଖାଇଲେ ମଧ ବ୍ୟତିବ୍ୟସ୍ତ ଲାଗିବା ସହିତ ପେଟ କାଟିବା ଏବଂ ବାନ୍ତି ଭଳି ସମସ୍ୟା ମଧ ଦେଖା ଦେଇଥାଏ ।

ଯେଉଁ ମହିଳାମାନଙ୍କର ସନ୍ତାନ ସନ୍ତତି ନ ହେଉଛି କିମ୍ବା ମାସିକ ଧର୍ମ ଠିକ୍ ଭାବେ ନ ହେଉଛି ସେମାନେ ଅଳସୀ ଖାଇବା ଉଚିତ । ବିଶେଷକରି ଯେଉଁ ମହିଳାଙ୍କର ପଲିସିଷ୍ଟିକ ଓଭାରୀ ସିଣ୍ଡ୍ରୋମ୍, ୟୁରିନ କ୍ୟାନସର ଏବଂ ଓଭାରୀ କ୍ୟାନସର ସେମାନେ ଖାଦ୍ୟରେ ଅଳସୀ ସାମିଲ କରିବା ଉଚିତ । ହଁ ଏକଥା ମନେ ରଖିବେ, ଯେମିତି ମାତ୍ରା ଅଧିକ ନହୁଏ । ନଚେତ ମା' ନ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ।

## କ୍ୟାନସର ଦୂର କରେ ପିଆଜ



ପିଆଜ କ୍ୟାନସର ଆଶଙ୍କା କମ୍ କରେ । ଏସୋଫେଗଲ୍ କ୍ୟାନସର, କୋଲୋରେକ୍ଟଲ କ୍ୟାନସର, ପେଟ କ୍ୟାନସର, ପ୍ରୋଷ୍ଟେଟ କ୍ୟାନସର ପାଇଁ ପିଆଜ ଲାଭଦାୟକ ।

ହୃଦ୍ ସମ୍ବନ୍ଧୀୟ ରୋଗ ଆଶଙ୍କାକୁ ମଧ କମାଇବାରେ ଏହା ସହାଯ୍ୟ କରେ । ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିଥିବାରୁ ମଧୁମେହ ରୋଗୀଙ୍କ ପାଇଁ ଉପାଦେୟ ପିଆଜ । ଏହା ଅସ୍ଥି ମଜବୁତରେ ସହାୟକ ହୁଏ । ଏହା ଦ୍ୱାରା ଅଷ୍ଟିଓପୋରୋସିସରୁ ରକ୍ଷା ମିଳେ । ପିଆଜ ଖାଇବା ଦ୍ୱାରା ବ୍ୟାଡ୍ କୋଲେଷ୍ଟ୍ରଲ୍ କମ୍ ହୁଏ ।

## ଆପଣ ଜାଣନ୍ତି କି ?

- ଜେବ୍ରାର ଶରୀରରେ ଥିବା ଧଳାକଳା ପଟି ମଧ୍ୟରୁ କଳା ରଙ୍ଗ ଏହାର ଚର୍ମ ହୋଇଥିବା ବେଳେ ସେଥିରେ ଧଳାରଙ୍ଗର ପଟ୍ଟା ଚିହ୍ନଥାଏ ।
- ହାତୀ ଶରୀରର ଆକାର ଜୀବନବ୍ୟାପି ବୃଦ୍ଧି ଘଟିଥାଏ । ତେବେ ସବୁଠାରୁ ବଳିଷ୍ଠ ଶରୀର ଥିବା ହାତୀ ହିଁ ଦଳର ମୁଖିଆ ହୋଇଥାଏ ।
- ପୃଥିବୀରେ ପ୍ରାୟ ୨୦ ହଜାର ପ୍ରଜାତିର ମହୁମାଛି ଦେଖାଯାନ୍ତି । କିନ୍ତୁ ଏଥି ମଧ୍ୟରୁ କିଛି ପ୍ରଜାତି ହିଁ ମହୁ ଉତ୍ପାଦନ କରିଥାନ୍ତି ।
- ଓଟ କେବଳ ୧୦ ମିନିଟରେ ପ୍ରାୟ ୧୩୫ ଲିଟର ପାଣି ପିଇପାରେ ।
- କୁମ୍ଭୀର ପାଣି ଭିତରୁ ଲମ୍ଫ ପ୍ରଦାନ କରି ଉଡିଯାଉଥିବା ପକ୍ଷୀକୁ ମଧ ଶିକାର କରିପାରେ ।
- ପେଚା ନିଜ ମୁଣ୍ଡକୁ ୨୭୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲେଇ ପାରିଥାଏ ।
- ସୁସ୍ୱାଦୁ ବ୍ୟଞ୍ଜନ ପାଇଁ ଭାରତ ସାରା ବିଶ୍ୱରେ ପ୍ରସିଦ୍ଧ । ତେବେ ପୃଥିବୀର ୭୦ ଭାଗ ମସଲା କେବଳ ଭାରତରୁ ହିଁ ଉତ୍ପାଦିତ ହୋଇଥାଏ ।
- ମହୁମାଛି ବସାରେ କେବଳ ଗୋଟିଏ ରାଣୀ ମହୁମାଛି ରହିଥାଏ ଏବଂ ଅନ୍ୟ ମହୁମାଛି ଶ୍ରମିକ ମହୁମାଛି ଭଳି କାର୍ଯ୍ୟ କରିଥାନ୍ତି ।
- ମଣିଷଙ୍କ ତୁଳନାରେ ପକ୍ଷୀଙ୍କ ସ୍ୱାଦଗ୍ରନ୍ଥି ଅପେକ୍ଷାକୃତ କମ୍ କ୍ରିୟାଶୀଳ ଥାଏ । ତେଣୁ କେତେକ ପକ୍ଷୀ ଖାଇଲା ବେଳେ ଖାଦ୍ୟର ସ୍ୱାଦ ବାରିପାରନ୍ତି ନାହିଁ ।
- ପୋଲାର ବିଅର ସମ୍ପୂର୍ଣ୍ଣ ମାଂସାହାରୀ ହୋଇଥିବା ବେଳେ ଅନ୍ୟ ସମସ୍ତ ଭାଲୁ ଉଭୟ ଶାକାହାରୀ ଏବଂ ମାଂସାହାରୀ ।

## ପୋଷକ ତତ୍ତ୍ୱରେ ଭରପୁର ରାଜମା

ବିନ୍ସ ଜାତୀୟ ରାଜମାର ବୈଜ୍ଞାନିକ ନାମ ଫେଜିୟୋଲସ ବଲ୍ଗରିସ୍ । କିଡନୀ ଆକାର ଏବଂ ରଙ୍ଗ ସମାନ କାରଣରୁ ଏହାକୁ କିଡନୀ ବିନ୍ସ କୁହାଯାଇଥାଏ । ଏହି ବିନ୍ସ ହାଲୁକା ଧୂସର ରଙ୍ଗର । ଏହା ଖାଇବାକୁ ଯେପରି ସୁଆଦିଆ ପୋଷକ ତତ୍ତ୍ୱ ମଧ ଏଥିରେ ଭରପୁର । ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ ଉପକାରୀ ।



ରାଜମାରେ ଥିବା କାର୍ବୋହାଇଡ୍ରେଟ ଓ ଫାଇବର ରକ୍ତରେ କୋଲେଷ୍ଟ୍ରଲ ସ୍ତର କମ୍ କରିଥାଏ । କମ୍ ଗ୍ଲାଇସେମିକ ସୂଚକାଙ୍କ କାରଣରୁ ରାଜମା ମଧୁମେହ ପାଇଁ ଏକ ଭଲ ବିକଳ୍ପ । କମ୍ ଗ୍ଲାଇସେମିକ୍ ସୂଚକାଙ୍କ ଶରୀରର ଶର୍କରା ସ୍ତରକୁ ସନ୍ତୁଳିତ କରି ବଜାୟ ରଖିଥାଏ । ଏଥିରେ ମଧୁମେହର ଆଶଙ୍କାକୁ ମଧ କମ୍ କରି ଦେଇଥାଏ ।

ରାଜମାରେ ଉଚ୍ଚ ପ୍ରୋଟିନ ସାମଗ୍ରୀ ରହିଥାଏ । କେବଳ ସେତିକି ନୁହେଁ, ଏହା ଶାକାହାରୀଙ୍କ ପାଇଁ ମାଂସର ଏକ ବହୁତ ଭଲ ବିକଳ୍ପ ।

ରାଜମାରେ ପୋଟାସିୟମ୍, ମ୍ୟାଗ୍ନେସିୟମ, ଘୋଳନଶୀଳ ଫାଇବର ଓ ପ୍ରୋଟିନର ଉତ୍ତମ ସ୍ରୋତ ରହିଥିବା ହେତୁ ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଧମନୀ ଓ ବାହିକାରେ ପ୍ରସାରିତ ହେବା ସହିତ ସାମାନ୍ୟ ରକ୍ତ ପ୍ରବାହକୁ ସୁନିଶ୍ଚିତ କରିଥାଏ । ଏହା ବ୍ୟତୀତ ରାଜମାରେ ଗଚ୍ଛିତ ମ୍ୟାଗ୍ନେସିୟମ୍ ମାଇଗ୍ରେନ ସମସ୍ୟା ବା ମୁଣ୍ଡ ବିନ୍ଧାକୁ ରୋକିବାରେ ସହାୟକ ହୋଇଥାଏ ।

ରାଜମାରେ ବହୁ ମାତ୍ରାରେ ଫାଇବର ରହିଥିବାରୁ ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ହେବାକୁ ଦିଏ ନାହିଁ । ଏହା ବ୍ୟତୀତ ଏଥିରେ ଥିବା କମ ଚର୍ବି ଯୁକ୍ତ ତତ୍ତ୍ୱରେ କମ୍ କ୍ୟାଲୋରି ଯୁକ୍ତ ଖାଦ୍ୟ ତିଆରି ହୋଇଥାଏ । ଓଜନ କମ୍ କରିବାକୁ ଚାହୁଁଥିବା ବ୍ୟକ୍ତି ରାଜମା ଖାଇବା ବହୁତ ଭଲ ।

ରାଜମାକୁ ସଠିକ୍ ମାତ୍ରାରେ ଖାଇଲେ ପାଚନ ତନ୍ତ୍ର ଶୁଦ୍ଧ ହୋଇଥାଏ, ଶରୀରରେ ବିଷାକ୍ତ ପଦାର୍ଥକୁ ଜମା ହେବାକୁ ଦିଏ ନାହିଁ । କୋଲନ କ୍ୟାନସର ଆଶଙ୍କାକୁ ମଧ କମ୍ କରିଥାଏ ।

ରାଜମାରେ ଉଚ୍ଚ ମାତ୍ରାରେ ମ୍ୟାଗ୍ନେସିୟମ ରହିଥାଏ, ଯାହା କୋଲେଷ୍ଟ୍ରୋଲକୁ ମ୍ୟାନେଜ କରିବା କାର୍ଯ୍ୟ କରିଥାଏ ଓ ହାର୍ଟ ଷ୍ଟ୍ରୋକ୍ ସମସ୍ୟା ତଥା ରକ୍ତ ଜମାଟ ବାନ୍ଧିବାକୁ ଦିଏନାହିଁ ।

## ଔଷଧ ପରି କାମକରେ କୋଳାଏ ରସୁଣ

ତ୍ୱଚାରେ ବ୍ରଣ ବାହାରୁ ଥିଲେ ରକ୍ତକୁ ପରିଷ୍କାର କରିବା ପାଇଁ ନିୟମିତ ସକାଳେ ଓ ସନ୍ଧ୍ୟାରେ ୨ କୋଳା ରସୁଣ ଖାଇ ହାଲକା ଗରମ ପାଣି ପିଅନ୍ତୁ । ସାରା ଦିନ ଭରପୂର ପାଣି ପିଇବାକୁ ଭୁଲନ୍ତୁ ନାହିଁ । ରସୁଣ ପେଟକୁ ସଫା କରିବା ସହ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଥାଏ ।



ନିୟମିତ ୨/୩ ଟି କଞ୍ଚା ରସୁଣ ଖାଇବା ଦ୍ୱାରା ଥଣ୍ଡା ଓ ଫ୍ଲୁରୁ ରକ୍ଷା ପାଇ ପାରିବେ । ତା' ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ମଧ ବଢ଼ାଇଥାଏ । ନିୟମିତ ରସୁଣ ଖାଇବା ଦ୍ୱାରା ଏଲିସିନର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଯୋଗୁଁ କୋଲେଷ୍ଟ୍ରଲ ସ୍ତର କମ୍ ରହିଥାଏ । ଏଥି ସହିତ ରକ୍ତଚାପ ଓ ରକ୍ତ ଶର୍କରା ସ୍ତର ମଧ ନିୟନ୍ତ୍ରିତ ରହେ ।

ରସୁଣ ଫଙ୍ଗାଲ ସଂକ୍ରମଣରୁ ରକ୍ଷା କରିଥାଏ, ତା' ସହ ଏଗଜିମାରୁ ମଧ । ରସୁଣ ତ୍ୱଚାକୁ ଲୋଚାକଚା ହେବାରୁ ରକ୍ଷା କରିଥାଏ ।

## କହିପାରିବେ କି ?

(୧) କମ୍ପ୍ୟୁଟର କ'ଣ ?

(୨) କମ୍ପ୍ୟୁଟରର ମୁଖ୍ୟ ମେମୋରୀ କାହାକୁ କୁହାଯାଏ ?

(୩) **RAM** ର ଫୁଲ ଫର୍ମ କ'ଣ ?

(୪) କମ୍ପ୍ୟୁଟରରେ ବ୍ୟବହୃତ **CPU**ର ଫୁଲଫର୍ମ କ'ଣ ?

(୫) ୱାର୍ଲ୍ଡ କମ୍ପ୍ୟୁଟର ଲିଟେରାସି ଡେ' କେବେ ପାଳନ କରାଯାଏ ?

(୬) କମ୍ପ୍ୟୁଟର କ୍ଷେତ୍ରରେ ଜାଭା କିଏ ସୃଷ୍ଟି କରିଥିଲେ ?

(୭) ଭାରତର କମ୍ପ୍ୟୁଟର ମଣିଷ କାହାକୁ କୁହାଯାଏ ?

(୮) କେଉଁ କମ୍ପ୍ୟୁଟର ଇଞ୍ଜିନିୟର ୨୦୦୩ ମସିହାରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିଲେ ?

(୯) ଇଣ୍ଟରନେଟରେ ରିଲିଜ୍ ହୋଇଥିବା ପ୍ରଥମ ଭାରତୀୟ ସିନେମାର ନାଁ କ'ଣ ?

(୧୦) କମ୍ପ୍ୟୁଟରରେ ବ୍ୟବହୃତ PDF ଫର୍ମାଟର ଫୁଲଫର୍ମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) CKUD | = | 6) SKROT | = |
| 2) ENTR | = | 7) EPINS | = |
| 3) ETERG | = | 8) LLUG | = |
| 4) IBSI | = | 9) KUAS | = |
| 5) EROHN | = | 10) ARRTED | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ମଙ୍ଗଳ, ୨.ଜିରାଫ୍, ୩.ତ୍ୱଚା, ୪.ନାକ ଏବଂ କାନ, ୫.ଭାରତ, ୬.ଜନ୍ ଲଜି ବେରର୍ଡ, ୭.ଜୁନ ୫ ତାରିଖ, ୮.ଋଷିଆ, ୯.ଚାର୍ଲସ ବାବେଜ୍, ୧୦.୧୧ ।

***Jumble Words*** **ର ଉତ୍ତର :-**

**(1) PENGUIN (2) ALBATROSS (3) RHINOCEROS (4) OSTRICH (5) HIPPOPOTAMUS (6) RACCOON (7) MOOSE (8) TIGER (9) LEOPARD (10) CHEETAH**

# ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ଗୋଟିଏ ବି ସରକାରୀ କଲେଜ ନାହିଁ

ଝାରସୁଗୁଡ଼ା: ଶିଳ୍ପ ଏବଂ ଖଣିରେ ସମୃଦ୍ଧ ଝାରସୁଗୁଡା ଜିଲ୍ଲା ରାଜ୍ୟ ଓ କେନ୍ଦ୍ର ରାଜକୋଷକୁ ବିଭିନ୍ନ ଆଳରେ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଜିଲ୍ଲାରେ ରହିଛି ଅନେକ ଛୋଟବଡ଼ ଶିଳ୍ପ କାରଖାନା । ରାଜ୍ୟର ସର୍ବପୁରାତନ ରେଳ ଜଙ୍କସନ ମଧ ଏଠାରେ ରହିଛି । ୫ ବର୍ଷ ହେଲା ରାଜ୍ୟର ଦ୍ୱିତୀୟ ବିମାନ ବନ୍ଦର ପ୍ରତିଷ୍ଠା ହୋଇ ଝାରସୁଗୁଡା ଦେଶର କୋଣ ଅନୁକୋଣରେ ଆଜି ଯୋଡି ହୋଇ ସାରିଛି । ଏକ ବଡ଼ ବ୍ୟବସାୟିକ କେନ୍ଦ୍ର ମାନ୍ୟତା ମିଳିଛି । ଦେଶ ବିଦେଶ ଓ ରାଜ୍ୟର ବାହାର ଅନେକ ବଡ଼ ବଡ଼ ଶିଳ୍ପପତି ଝାରସୁଗୁଡ଼ାରେ ବ୍ୟବସାୟ କରୁଛନ୍ତି । ଜିଲ୍ଲାର ବିକାଶ ପାଇଁ ଅର୍ଥ ବାଧକ ମଧ ନୁହେଁ । ଜିଲ୍ଲାର ରାଜକୋଷରେ ଭରି ରହିଛି ଖଣିଜ ପାଣ୍ଠି । ଜିଲ୍ଲାର ଅନେକ ଲୋକ ପ୍ରତିନିଧିମାନେ ରାଜ୍ୟ ସରକାରରେ ମନ୍ତ୍ରୀ ଓ ଉଚ୍ଚ ପଦବୀରେ ରହି ଆସୁଛନ୍ତି । ମାତ୍ର ଜିଲ୍ଲାରେ ଗୋଟିଏ ବି ସରକାରୀ କଲେଜ ନାହିଁ । ରାଜ୍ୟ ସରକାର ଏହି ଜିଲ୍ଲା ପ୍ରତି ଉପେକ୍ଷା କରି ଗୋଟିଏ ହେଲେ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ କରିନାହାନ୍ତି । ୧୯୯୪ରେ ସମ୍ବଲପୁର ଜିଲ୍ଲାଠାରୁ ଅଲଗା ହୋଇ ନୂତନ ଜିଲ୍ଲା ଭାବେ ଝାରସୁଗୁଡା ଗଠନ ହୋଇଥିଲା । ସେ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାଏକ ଝାରସୁଗୁଡାଠାରେ ସରକାରୀ କଲେଜ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ ସରକାରୀ କଲେଜ ହୋଇ ପାରିଲା ନାହିଁ । ଜିଲ୍ଲାରେ ରହିଥିବା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବ୍ରଜରାଜନଗର ମହାବିଦ୍ୟାଳୟ ପ୍ରମୁଖ ଏହି ୩ଟି ମହାବିଦ୍ୟାଳୟରେ ଯୁକ୍ତ ୨ ରୁ ଯୁକ୍ତ ୩ ପର୍ଯ୍ୟନ୍ତ ରହିଛି । ତେବେ ଜିଲ୍ଲାର କୌଣସି ମହାବିଦ୍ୟାଳୟରେ ପି.ଜି ପାଠ୍ୟକ୍ରମ ନାହିଁ । ଗତ କିଛି ଦିନ ତଳେ ଛାତ୍ର ଆନ୍ଦୋଳନ ଯୋଗୁଁ ଝାରସୁଗୁଡ଼ା ସହରସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ୫ଟି ବିଷୟରେ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଛି । ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଓ ଝାରସୁଗୁଡା ଜିଲ୍ଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ହେଉଛି ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ, ଝାରସୁଗୁଡା ବିଧାୟକ ମୁରାରୀ ପ୍ରସାଦ ମିଶ୍ର, ହେମାନନ୍ଦ ବିଶ୍ୱାଳଙ୍କ ସହିତ ଜିଲ୍ଲାର ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ରାବାସରେ ଏହି ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା । ଆଜି ପର୍ଯ୍ୟନ୍ତ ମଧ ସରକାରୀ ମାନ୍ୟତା ହେଇପାରି ନାହିଁ । ଅନ୍ୟଟି ମହିଳା କଲେଜ । ଏହା ୧୯୮୨ରେ ପ୍ରତିଷ୍ଠା ହୋଇଥିବାବେଳେ ଏହା ମଧ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇ ନାହିଁ । ଜିଲ୍ଲା ସଦର ମହକୁମାଠାରୁ ୧୦ କି.ମି. ଦୂରରେ ଥିବା ବ୍ରଜରାଜନଗର କଲେଜ ୧୯୭୮ରେ ସ୍ଥାପନ ହେଇଥିଲା । ମାତ୍ର ସରକାରଙ୍କ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ହେଇଥିଲେ ମଧ ସରକାରୀ ମାନ୍ୟତା ପାଇନାହିଁ । ସେହିପରି ଜିଲ୍ଲାରେ ଥିବା ଗୋଟିଏ ମାତ୍ର ସରକାରୀ ଯାନ୍ତ୍ରିକ ସ୍କୁଲ ୧୯୫୫ରେ ସ୍ଥାପନ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ସରକାରୀ ଯାନ୍ତ୍ରିକ କଲେଜ ହୋଇପାରିଲା ନାହିଁ । ଜିଲ୍ଲାର ୫ଟି ବ୍ଲକରେ ଥିବା କଲେଜଗୁଡିକର ଶିକ୍ଷାର ସେପରି କିଛି ଆଶା ଅନୁରୂପ ବିକାଶ ହୋଇ ନାହିଁ । ଜିଲ୍ଲାର ୪ଟି ବ୍ଲକରେ ଥିବା ଯୁକ୍ତ ୨ ଓ ଯୁକ୍ତ ୩ କଲେକ ରହିଛି । ସେହିପରି ଭାତଲଇଡ଼ା କଲେଜ, ସମାସିଂହାରେ ଥିବା ବସୁମତୀ ସାଇନ୍ସ କଲେଜ, ତାଳମୁଣ୍ଡା ଝରିଆନାଲ କଲେଜ, ସାହଲେଟିକ୍ରା କଲେଜ, ତାଳପଟିଆ ଠାରେ ଥିବା ସାଲିଗ୍ରାମ ସାକୁନିଆ କଲେଜ, ବ୍ରଜରାଜନଗରଠାରେ ଇନ୍ଦିରା ଗାନ୍ଧୀ ମହିଳା କଲେଜ, ବାଗମର ଠାରେ ଥିବା ଦ୍ୱାରିକା ପ୍ରସାଦ ଅଗ୍ରୱାଲ କଲେଜରେ କେବଳ ଯୁକ୍ତ ୨ ପାଠ୍ୟକ୍ରମ ରହିଛି । ଏହି କଲେଜ ଗୁଡିକକର ଭିତିଭୂମି ଅତି ଦୁର୍ବଳ ହୋଇ ପଡିରହିଛି । ଏହା ବ୍ୟତୀତ ଜିଲ୍ଲାରେ ଚାଲିଛି ୨ଟି ଭୋକେସନାଲ କଲେଜ । ଗୋଟିଏ କୋଲାବିରା ପଞ୍ଚାୟତ ସମିତି କଲେଜ ଓ ଅନ୍ୟଟି କିରମିରା ଶୋଭନ ମେମୋରିଆଲ କଲେଜ । ଘରୋଇ ପରିଚାଳନାରେ ବ୍ଲାକ୍ ଡାଇମଣ୍ଡ କଲେଜ, ଆର୍ଯ୍ୟଭଟ୍ଟ ଜୁନିୟର କଲେଜ ଓ ହେମଲତା କଲେଜରେ ଯୁକ୍ତ ୨ କଲେଜ ପରିଚାଳିତ ହେଉଛି । ଭଲ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସମ୍ବଳ ଥିବା ଅଭିଭାବକମାନେ ବଡ଼ ସହରରେ ଘରୋଇ କଲେଜ କିମ୍ବା ବଡ଼ ବଡ଼ ଶିକ୍ଷାନୁଷ୍ଠାନରେ ନିଜ ପିଲାଙ୍କୁ ପାଠ ପଢ଼େଇବାରେ ସକ୍ଷମ ଥିବାବେଳେ ଶ୍ରମିକ ଚାଷ ଉପରେ ନିର୍ଭର କରୁଥିବା ଅଭିଭାବକମାନେ ଜିଲ୍ଲା ବାହାରେ ବଡ଼ ସହରରେ ଶିକ୍ଷାଦାନ ପାଇଁ ସକ୍ଷମ ନ ଥିବାରୁ ଅନେକ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାଦାନ ଠାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲାରେ ଏକ ସରକାରୀ କଲେଜ ପ୍ରତିଷ୍ଠା କରିବାରେ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନ ସଫଳ ହୋଇ ପାରୁ ନାହାନ୍ତି । ଇତି ମଧରେ ଝାରସୁଗୁଡ଼ାର ନବ ନିର୍ବାଚିତ ବିଧାୟକ ଟଙ୍କଧର ତ୍ରିପାଠୀ ଲକ୍ଷ୍ମୀନାରାୟଣ କଲେଜ ପରିଦର୍ଶନ କରି ଏହା ଯେପରି ସରକାର ହାତକୁ ନେବେ ସେଥିପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

# ଭାସ୍କର ସୂତା କଳ କେବେ କାର୍ଯ୍ୟକ୍ଷମ ହେବ ?

ଝାରସୁଗୁଡ଼ା: ଦିନେ ଗହଳି ଚହଳି ଲାଗି ରହୁଥିଲା । ବିଭିନ୍ନ ଜିଲ୍ଲାରୁ ଆସି ଝାରସୁଗୁଡ଼ା ଭଳି ଏକ ଅନୁନ୍ନତ ଜିଲ୍ଲାରେ ଲୋକେ ୧୯୭୨ ମସିହାରେ ଭାସ୍କର ସୂତା କଳ(ବିଟିଏମ୍)ରେ କାମ କରୁଥିଲେ । ହେଲେ ଆଜି ଏହି କମ୍ପାନୀ ଗୁମୁରୀ କାନ୍ଦୁଛି । ପାଚେରି ଭାଙ୍ଗିଯାଇଛି । ଗେଟରେ ତାଲା ଝୁଲୁଛି । କମ୍ପାନୀ ପରିସର ଉଚ୍ଚ, ଗଛ ଅରମାରେ ଭର୍ତ୍ତି । କମ୍ପାନୀ ଭିତରେ ଥିବା ଯନ୍ତ୍ରପାତି ଅଧିକାଂଶ ଚୋରି ହୋଇଯାଇଥିବା ବେଳେ ଅନେକ ନଷ୍ଟ ହୋଇଯାଇଛି । ଏଠିରେ କାମ କରୁଥିବା କର୍ମଚାରୀମାନେ ସରକାରଙ୍କ ସହାୟତା ପାଇଁ ଅନାଇ ବସିଥିବା ବେଳେ ଓଟିଏମ୍ ଭଳି ଏଠାରେ ଟେକ୍ସଟାଇଲ ହବ୍ ଆଶା ଦେଖାଇ ସରକାର ଦୂରହି ଯାଇଛନ୍ତି ।

୧୯୭୨ ମସିହାରେ ବିର୍ଲା ଗ୍ରୁପ୍ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ବେହେରାମାଲ୍ ନିକଟରେ ଆରମ୍ଭ ହୋଇଥିଲା ଭାସ୍କର ସୂତା କଳ । ପଞ୍ଜାବ ସମେତ ବିଭିନ୍ନ ରାଜ୍ୟରୁ କଞ୍ଚାମାଲ ଅର୍ଥାତ୍ ତୁଳା ଆଣି ଏଠାରେ ସୂତା ପ୍ରସ୍ତୁତ କରାଯାଉଥିଲା । କଳରେ ୨୯୯୯ ଜଣ କର୍ମଚାରୀ କାମ କରୁଥିଲେ । ୩ଟି ସିଫ୍ଟରେ କର୍ମଚାରୀମାନେ କାମ କରୁଥିଲେ । ଗୋଟିଏ ସିଫ୍ଟରେ କର୍ମଚାରୀ ସଂଖ୍ୟା ଥିଲା ୧ ହଜାର । କଳ ନିକଟରେ କର୍ମଚାରୀଙ୍କ ରହିବା ପାଇଁ ବିଟିଏମ୍ କଲୋନୀରେ ୨୮୦ କ୍ୱାର୍ଟର୍ସ କରାଯାଇଥିଲା । ଏଥିରେ ୫୬୦ ପରିବାର ରହୁଥିଲେ । ପରିବାର ଭଳି କଳକୁ ଭଲରେ ଚଳାଉଥିଲେ କର୍ମଚାରୀ । କିନ୍ତୁ କଞ୍ଚାମାଲ ଆସିବାରେ ଅସୁବିଧା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନରେ ଅବହେଳା କାରଣରୁ କଳ ଦୁର୍ବଳ ସ୍ଥିତିକୁ ଆସିବାରୁ ରାଜ୍ୟ ସରକାର ୧୯୮୫ ମସିହାରେ ନିଜ ହାତକୁ ନେଇଥିଲେ । ମାତ୍ର ସେହି କଞ୍ଚାମାଲ ଅର୍ଥାତ୍ ତୁଳା ମିଳିବା ଓ ଆସିବାରେ ଅସୁବିଧା ହେବାରୁ କଳ ଧୀରେ ଧୀରେ ଦୁର୍ବଳ ହେଲା । ଯେଉଁ ପରିମାଣରେ ସୂତା କଲକାତା ଏବଂ ଓଡ଼ିଶା ଟେକ୍ସଟାଇଲ ମିଲ(ଓଟିଏମ୍)ରେ ବିକ୍ରିକରାଯାଉଥିଲା, ସେହି ପରିମାଣରେ ଆଉ ବିକ୍ରି ହେଇପାରିଲା ନାହିଁ । କଳ କ୍ଷତିରେ ଚାଲିବାକୁ ଲାଗିଲା । ଏପଟେ କର୍ମଚାରୀମାନଙ୍କ ଦରମା, ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ, ପିଏଫ୍ ଏବଂ ପେନସନ୍ ଭଳି ବହୁ ପ୍ରାପ୍ୟ ମିଳିଲା ନାହିଁ । ଏସବୁ ବିଟିଏମ୍ ଉପରେ ବୋଝ ହେବାକୁ ଲାଗିଲା । ବିଟିଏମ୍ ପୂର୍ବ ଭଳି ଉତ୍ପାଦନ କରିପାରୁନଥିବା ବେଳେ ଏପଟେ ବିଭିନ୍ନ ପ୍ରକାର ଆର୍ଥିକ ନିଅଣ୍ଟ କଳକୁ ରସାତଳକୁ ଠେଲିଦେଲା । ଫଳରେ ୧୯୯୫ ମସିହାରେ ବିଟିଏମ୍ ବନ୍ଦ ହେବା ସ୍ଥିତିକୁ ଚାଲି ଆସିଲା । ବିଧିବଦ୍ଧ ଭାବେ ୧୯୯୭ ମସିହାରେ ବିଟିଏମ୍ ବନ୍ଦ ହୋଇଗଲା । କାମ କରୁଥିବା କର୍ମଚାରୀ ହତାଶ ହୋଇପଡ଼ିଲେ । ଅନେକ ବର୍ଷର ଦରମା, ପ୍ରାପ୍ୟ ଓ ପେନସନ ପାଇଁ ସରକାର ନିଷ୍ପତ୍ତିକୁ ଅନାଇ ବସିଲେ । ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ । ଭାସ୍କର ସୂତା କଳ କର୍ମଚାରୀ ସଂଘ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଓ ଧାରଣା ଦିଆଗଲା । କୌଣସି କଥାକୁ ସରକାର ଶୁଣିଲେ ନାହିଁ । କିଛି ବର୍ଷ ତଳେ ଟେକ୍ସଟାଇଲ ବିଭାଗକୁ ଏ ନେଇ ଅବଗତ କରାଯିବା ପରେ ଓଟିଏମ୍ ଭଳି ବିଟିଏମରେ ମଧ ଟେକ୍ସଟାଇଲ ହବ୍ ହେବ ବୋଲି କୁହାଗଲା ମାତ୍ର ହୋଇ ପାରିଲାନାହିଁ । ଓଟିଏମ୍ ଟେକ୍ସଟାଇଲ ହବକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ଏଠାରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । କର୍ମଚାରୀଙ୍କ ଦୀର୍ଘ ବର୍ଷ ଧରି ପଡ଼ିରହିଥିବା ପ୍ରାପ୍ୟ ପାଇବା ନେଇ ମଧ କୌଣସି ଆଲୋଚନା କରାଯାଇ ନାହିଁ ।

## ଜିଲ୍ଲାସ୍ତରୀୟ ନିଶାଦ୍ରବ୍ୟ ନିବାରଣ ସପ୍ତାହ ପାଳିତ

ସମ୍ବଲପୁର: ଜିଲ୍ଲାସ୍ତରୀୟ ଅନ୍ତର୍ଜ୍ୟାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନର ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ୧୮ ଜଣ କୃତୀ ଛାତ୍ରଛାତ୍ରୀମାନଙ୍କୁ କର୍ମଶାଳାରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏଚ୍. କମିସନର ଉତ୍ତରାଞ୍ଚଳ ରାଜେନ୍ଦ୍ର ଭୁତ୍ରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମାଜରେ ନିଶାକୁ କିପରି ପ୍ରତିରୋଧ କରାଯାଇ ପାରିବ ସେ ଉପରେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ଅଶୋକ ସେଠ ନିଜ ବକ୍ତବ୍ୟରେ ନିଶାରୁ ମୁକ୍ତ ରହିବା ପାଇଁ ସମସ୍ତଙ୍କୁ ମାର୍ଗଦର୍ଶନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସବିର କୁମାର ମହାନନ୍ଦ ନିଜ ବକ୍ତବ୍ୟରେ ନିଶା ନିବାରଣ ଏକ ସାମାଜିକ ସୁରକ୍ଷାର ଅଂଶ ବିଶେଷ ଓ ବିଭାଗ ତରଫରୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମାନଙ୍କରେ ନିଶାନିବାରଣ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ବିଭାଗକୁ ଆହ୍ୱାନ ଦେଇଥିଲେ । ଏଥି ପାଇଁ ଜିଲ୍ଲାସ୍ତରୀୟ ଏକ ବାର୍ଷିକ କାର୍ଯ୍ୟସୂଚୀର ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ ।

# ହୀରାକୁଦ ଜଳଭଣ୍ଡାରର ଜମି ଉପରେ ଶ୍ୟାମ ମେଟାଲିକ୍ସ କାରଖାନାର ବେଆଇନ ନିର୍ମାଣ

ସମ୍ବଲପୁର: ହୀରାକୁଦ ଜଳଭଣ୍ଡାର ଜବରଦଖଲ କରି ଜମିରେ ପାଉଁଶ ପୋତି ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି କାରଖାନା ନିର୍ମାଣ କରିଥିବାର ଅଭିଯୋଗ ହୋଇଛି । ଏଥିପାଇଁ ରାଜସ୍ୱ ବିଭାଗ ଦ୍ୱାରା ତନାଘନା ଆରମ୍ଭ ହୋଇଛି । ରେଙ୍ଗାଲି ତହସିଲଦାରଙ୍କ ନେତୃତ୍ୱରେ ଏକ ବିଭାଗୀୟ କର୍ମଚାରୀମାନେ ହୀରାକୁଦ ଜଳଭଣ୍ଡାରର ନିଷିଦ୍ଧାଞ୍ଚଳ ଜବରଦଖଲ ହୋଇଥିବା ଜାଗା ନିରୀକ୍ଷଣ କରିଛନ୍ତି । ଜବରଦଖଲ ଜାଗାରେ କାରଖାନା ନିର୍ମାଣ ଚାଲିଥିବା କେତେକ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ସରିଥିବା ଦେଖିବାକୁ ପାଇଥିଲେ । ତେବେ, ଆଗରୁ ୪୬ ଏକରରୁ ଅଧିକ ଜମି ପୋତିବା ନେଇ ରିପୋର୍ଟ ରହିଥିଲା । ଏବେ କିନ୍ତୁ, ଜବରଦଖଲ ଜମିର ପରିମାଣ ୫୦ ଏକରରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଜଳଭଣ୍ଡାର ଜମି ସହିତ ଜଙ୍ଗଲ କିସମର ବି ଜମି ରହିଥିବା କୁହାଯାଉଛି । ଜଙ୍ଗଲ ନଷ୍ଟ କରି ସେଠାରେ ନିର୍ମାଣ କରାଯାଇଛି ।

ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ନିଶାନରଙ୍ଗା ପଞ୍ଚାୟତର ହୀରାକୁଦ ଜଳଭଣ୍ଡାର ଖାତା ନଂ ୧, ପ୍ଲଟ୍ ନଂ ୩୬୩/୨୨୩୬ ଏବଂ ୩୬୪/୨୨୩୭ରେ ସର୍ବମୋଟ ୯୧ ଏକର ୩୨ ଡେସିମିଲ୍ ଜମି ରହିଛି । ଗତ ୨୦୨୨ ମସିହାରେ ରେଙ୍ଗାଲି ବ୍ଲକ୍ ପଣ୍ଡଲୋଇ ଠାରେ ଥିବା ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଏହି ଦୁଇଟି ପ୍ଲଟ ଉପର ୨୦ ଏକର ଜମିରେ ଧୀରେ ଧୀରେ କାରଖାନାର ପାଉଁଶ, ଆବର୍ଜନା ଓ ମାଟି ଆଦି ପୋତି ଜବରଦଖଲ କରିବା ଆରମ୍ଭ କରିଥିଲା । ତେବେ ଜଳସମ୍ପଦ ବିଭାଗ ଅଧିକାରୀମାନଙ୍କର ବିଳମ୍ବରେ ନିଦ ଭାଙ୍ଗି ଥିଲା । ୨୦୨୨ ମସିହା ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇଥିଲା । ୨୦୨୩ ମସିହା ସୁଦ୍ଧା ଆହୁରି ୨୬.୩୩ ଏକର ଜମି ଅକ୍ତିଆର କରି ନେଇଥିଲା । ହୀରାକୁଦ ବନ୍ଧର ଅତିରିକ୍ତ ସିଲ୍ ଡିଭିଜନର ସହକାରୀ ଯନ୍ତ୍ରୀ ଓ ରେଙ୍ଗାଲିର ରାଜସ୍ୱ ନିରୀକ୍ଷକ ମିଳିତ ସର୍ଭେ କରି ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପରେ ରେଙ୍ଗାଲି ତହସିଲଦାର କାରଣଦର୍ଶାଅ ନୋଟିସ୍ ଦେଇଥିଲେ । କମ୍ପାନି କର୍ତ୍ତୃପକ୍ଷ ଜବରଦଖଲ କରିଥିବା ସ୍ୱୀକାର କରିଥିଲେ । ଗତ ଜୁଲାଇ ୨୦୨୩ରେ କମ୍ପାନି କର୍ତ୍ତୃପକ୍ଷଙ୍କ ଉପରେ ମୋଟା ଅଙ୍କର ଜରିମାନା ଆଦାୟ କରାଯିବା ସହିତ ୭ ଦିନ ମଧରେ ଜବରଦଖଲ ଅଞ୍ଚଳ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କମ୍ପାନି କର୍ତ୍ତୃପକ୍ଷ ଜରିମାନା ଅର୍ଥ ରେଙ୍ଗାଲି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜମା କରିଥିଲେ ବି ଜବରଦଖଲ ଜମି ଖାଲି କରିବା ନିର୍ଦ୍ଦେଶକୁ ମାନି ନଥିଲେ । ପାଲଟା ଇତିମଧରେ ଆହୁରି କିଛି ଜବରଦଖଲ କରିନେଇଛନ୍ତି । ଅପରପକ୍ଷରେ ଜଳସମ୍ପଦ ବିଭାଗ ପକ୍ଷରୁ କମ୍ପାନି ବିରୋଧରେ ଯେଉଁଭଳି କାର୍ଯ୍ୟାନୁଷ୍ଠାନ ନିଆଯିବା କଥା ନିଆଯାଇନାହିଁ । ଜଳସମ୍ପଦ ବିଭାଗର କେତେକ ବରିଷ୍ଠ ଅଧିକାରୀ କମ୍ପାନିକୁ ନିରବ ସମର୍ଥନ ଜଣାଉଥିବା ଚର୍ଚ୍ଚା ହେଉଛି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ‘ଉଡ଼ାନ୍’ ପକ୍ଷରୁ ବୁର୍ଲାରେ ସର୍ବଭାରତୀୟ ମହାନଦୀ ନୃତ୍ୟୋତ୍ସବ









ସମ୍ବଲପୁର : ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ‘ଉଡ଼ାନ୍’ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ସର୍ବଭାରତୀୟ ନୃତ୍ୟ ପ୍ରତିଯୋଗିତା ଓ ଉତ୍ସବ ’ମହାନଦୀ ନୃତ୍ୟୋତ୍ସବ’ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ରମେଶ ଶାହା ଏବଂ ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୮୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଖୋର୍ଦ୍ଧା, ପୁରୀ, ରାଉରକେଲା, ଟିଟିଲାଗଡ଼ ଓ ସମ୍ବଲପୁରର କୁନି କୁନି କଳାକାର ମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସମ୍ବଲପୁରୀ ଲୋକନୃତ୍ୟ ଗୁରୁ ରଞ୍ଜିତ କୁମାର ନାଗ ଓ ଓଡିଶୀ ନୃତ୍ୟଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡାଙ୍କୁ ଜୀବନ ବ୍ୟାପୀ ସାଧନା ପାଇଁ ‘ନୃତ୍ୟ ଶିରୋମଣି’ ଉପାଧିରେ ଭୂଷିତ କରାଯାଇଥିଲା । ଏହାଛଡା ଗୁରୁ ମୋକ୍ଷଦା ତ୍ରିପାଠୀ, ଗୁରୁ ଦେବସ୍ମିତା ନାୟକ, ଗୁରୁ ରାମରଞ୍ଜନ କହଁରଙ୍କୁ ନୃତ୍ୟଶ୍ରୀ ପୁରସ୍କାର ଗୁରୁ ପଲ୍ଲବୀ ଦାଶ, ପୁଜା ପରିମିତା ସାହୁ, ଗୁରୁ ଡକ୍ଟର ବିଶ୍ୱଜିତ ଦାଶ, ଗୁରୁ ଲକ୍ଷ୍ମଣ ରାଉତ, ଗୁରୁ ଶୁଭ ଦର୍ଶୀନି ମିଶ୍ର ଏବଂ ଗୁରୁ ଶ୍ରୀମତୀ ପ୍ରିୟଦର୍ଶିନୀ ରାୟଙ୍କୁ ‘ନୃତ୍ୟ ରତ୍ନ’ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୁପ୍ରୀତି ମିଶ୍ର ଓ ସଂସ୍କୃତିକା ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ନୃପରାଜ ସାହୁ ଓ ଅନୁଷ୍ଠାନର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଅତିଥି ରୂପେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ।



# ସାଂସ୍କୃତିକ ଅନୁଷ୍ଠାନ ‘ଦର୍ପଣ’ର ୨୫ତମ ରଜ ଉତ୍ସବ






ବୁର୍ଲା : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ‘ଦର୍ପଣ’ ଆନୁକୂଲ୍ୟରେ ୨୫ ତମ ରଜ ଉତ୍ସବ ୨୦୨୪ ଏମସିଏଲ ସ୍ଥିତ ଆନନ୍ଦ ବିହାର ପ୍ରାଙ୍ଗଣରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଏମସିଏଲର ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ଏବଂ ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେଉରା ମୁଖ୍ୟ ପରିଚାଳକ ଡିକେନ୍ ମେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବର ପ୍ରାରମ୍ଭରେ ଦର୍ପଣ ତରଫରୁ ଚିତ୍ତରଞ୍ଜନ ମହାନ୍ତି ସମସ୍ତ ଅତିଥିବୃନ୍ଦ ଏବଂ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ରଜ ଉତ୍ସବରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଆୟୋଜିତ ଓଡ଼ିଆ ଆଧୁନିକ ନୃତ୍ୟ, ରଜପିଠା, ପାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନନି ଦ୍ୱାରା ଚିତ୍ତାକର୍ଷକ ଓଡ଼ିଆ ସଂଗୀତ କାର୍ଯ୍ୟକ୍ରମ । ଶେଷରେ ସାଂସ୍କୃତିକ ସଂପାଦକ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ରାମ୍ ବିଦ୍ୟା ମନ୍ଦିର ପକ୍ଷରୁ ଲକ୍ଷ୍ମୀପ୍ରିୟା ସମ୍ବର୍ଦ୍ଧିତ

ସମ୍ବଲପୁର : ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲର ଟପ୍ପର ହୋଇଥିବା ବିଶ୍ରାମ ବିଦ୍ୟା ମନ୍ଦିରର ପୁରାତନ ଛାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ବିଦ୍ୟା ମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ବିଶ୍ରାମ ଚେତନା ପରିଷଦର ସଭାପତି ପରମେଶ୍ୱର ଦାଶଙ୍କ ଅଧକ୍ଷତା ତଥା ସମ୍ପାଦକ ବିମଳ ପାଣିଆଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ଶ୍ରୀ ସତ୍ୟବେଦାନନ୍ଦ ସରସ୍ୱତୀ ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଅତିଥି ରୂପେ ଯୋଗ ଦେଇ ଲକ୍ଷ୍ମୀପ୍ରିୟାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ୫ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହାଛଡା ଅବସରପ୍ରାପ୍ତ ପ୍ରାଧାପିକା



ଡକ୍ଟର ଶ୍ରୀଲତା ମିଶ୍ର ବ୍ୟକ୍ତିଗତ ଭାବେ ନଗଦ ରାଶି । ପୁଷ୍ପମାଲ୍ୟ ଦେଇ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବିଶ୍ରାମ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ସୁଜାତା ପତି, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କମଳିନୀ ଆଚାର୍ଯ୍ୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଶ୍ରୀମତୀ ଦେବଯାନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍ସବ ଆୟୋଜନରେ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ରୀନା ସ୍ୱାଇଁ, ସ୍ମୃତିରାଣୀ ପ୍ରଧାନ, କିରଣମୟୀ ପଣ୍ଡା, ଜାଗୃତି ମିଶ୍ର, ଦୀପ୍ତିମୟୀ ପାଣି, ସଙ୍ଗୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟାନ୍ୟ ମାନଙ୍କ ମଧରେ ପ୍ରଫେସର ସେବକ ତ୍ରିପାଠୀ, ଡାକ୍ତର ସୁରେନ୍ଦ୍ର ପଣ୍ଡା, ମଧୁସୂଦନ ମହାନ୍ତି, ସରୋଜ କୁମାର ମହାପାତ୍ର, ଲଳିତ କୁମାର ଅଗ୍ରୱାଲ, ଶ୍ରୀମତୀ ନଳିନୀ ବାବୁଙ୍କ ସମେତ ଲକ୍ଷ୍ମୀପ୍ରିୟାଙ୍କ ବଡ଼ବାପା ଲୋକନାଥ ରାଉତ, ପିତା କେଦାର ରାଉତ, ମାତା ସଙ୍ଗୀତା ରାଉତ ଏହି ଉତ୍ସବରେ ଯୋଗ ଦେଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra